ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 7 | 12 - 18 February 2023 | Sambalpur | Page- 8 | Invitation Price Rs.10


# ସରକାରଙ୍କ ଅବହେଳାରୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଯିବ କି ?

ସମ୍ବଲପୁର : ରାଜ୍ୟ ସରକାରଙ୍କ ଚରମ ଅବହେଳା ଯୋଗୁଁ ରାଜ୍ୟର ଏକମାତ୍ର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଦେଇଛି । ଏହି ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଆବଶ୍ୟକୀୟ ଅଧାପକ ପଦବୀ ପୂରଣ କରାଯିବାକୁ ବର୍ଷ ବର୍ଷ ଧରି ବାରମ୍ବାର ଅନୁରୋଧ କରାଯାଉଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି । ଏହା କେବଳ ମଞ୍ଜୁରୀପ୍ରାପ୍ତ ପଦବୀ କୁଳପତି, କୁଳସଚିବ ଏବଂ ବିତ୍ତ ନିୟନ୍ତ୍ରକଙ୍କୁ ନେଇ ଚାଲିଛି । ବିଶ୍ୱ-ବିଦ୍ୟାଳୟ ପ୍ରତିଷ୍ଠା ଦିନ ଠାରୁ ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲି ପଡ଼ିଛି । ପ୍ରାୟ ୩୧,୦୦୦ ଅଧ୍ୟୟନରତ ଛାତ୍ରଛାତ୍ରୀ ଥିବା ଏହି ବିଶ୍ୱବିଦ୍ୟାଳୟ ଅସ୍ଥାୟୀ ଏକାଡେମିକ କନସଲଟାଣ୍ଟ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ନେଇ ଚାଲିଛି ।

ଇତି ମଧ୍ୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ୨୦୨୨-୨୩ ଶିକ୍ଷାବର୍ଷ ପୂର୍ବରୁ ନାକ୍ ଏକ୍ରିଡିଟେସନ୍ ନେବାକୁ କୁହାଯାଇଛି । ଏହା ନ ହେଲେ ବିଶ୍ୱବିଦ୍ୟାଳୟରେ ଅନଲାଇନ ମାଧ୍ୟମରେ ଚାଲୁଥିବା ମୁକ୍ତ ଏବଂ ଦୂରନ୍ତ ଶିକ୍ଷାଦାନକୁ ଆୟୋଗ ପୁନର୍ବାର ସ୍ୱୀକୃତି ଦେବ ନାହିଁ ବୋଲି ସ୍ପଷ୍ଟଭାବେ ଜଣାଇ ଦେଇଛି । ଏହି ବିଶ୍ୱବିଦ୍ୟାଳୟରେ ୧୧ଟି ବିଷୟରେ ଅଣ୍ଡର ଗ୍ରାଜୁଏଟ ଓ ୧୪ଟି ବିଷୟରେ ସ୍ନାତକୋତ୍ତର ପାଠ ପଢ଼ାଇବା ପାଇଁ ଆୟୋଗ ପାଞ୍ଚବର୍ଷ ପାଇଁ ଗତ ୨୦୧୮ ମସିହାରେ ଅନୁମତି ଦେଇଥିଲା । ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ ଏହାର ଅବଧି ଶେଷ ହୋଇ ଯାଉଛି । ତେଣୁ ଏହି ପାଠ୍ୟକ୍ରମ ଗୁଡ଼ିକ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗକୁ ଅନୁମତି ପାଇଁ ଆବେଦନ କରିବାକୁ ପଡ଼ିବ । ତେବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ-ବିଦ୍ୟାଳୟର ଏଥିପାଇଁ ଆବଶ୍ୟକୀୟ ଯୋଗ୍ୟତା ନ ଥିବାରୁ ଆସନ୍ତା ଶିକ୍ଷା ବର୍ଷ ଠାରୁ ଶିକ୍ଷାଦାନ ପାଇଁ ଏହା ବଞ୍ଚିତ ହେବାର ଆଶଙ୍କା ଦେଖା ଦେଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୟୁଜିସିର ନିୟମାବଳୀ ଅନୁଯାୟୀ ପୂର୍ଣ୍ଣକାଳୀନ ଓ ନିୟମିତ ସହକାରୀ ପ୍ରଫେସର ସହଯୋଗୀ ପ୍ରଫେସର ଏବଂ ପ୍ରଫେସର ପଦବୀ ନ ଥିଲେ ଏକ୍ରିଡିଟେସନ ପାଇଁ ଆବେଦନ କରାଯାଇ ପାରିବ ନାହିଁ । ବିଭିନ୍ନ ପାଠ୍ୟକ୍ରମ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଷୟ ପାଇଁ ନିଯୁକ୍ତି କରାଯାଇଥିବା ଏକାଡେମିକ କନସଲଟାଣ୍ଟ ପଦବୀକୁ ୟୁଜିସି ଶିକ୍ଷକ ରୂପେ ସ୍ୱୀକୃତି ଦେବ ନାହିଁ । ଏହାଛଡ଼ା ଏହି ବିଶ୍ୱବିଦ୍ୟାଳୟର କୌଣସି ଶିକ୍ଷକ କି ଅଣଶିକ୍ଷକ ପଦ ଏ ପର୍ଯ୍ୟନ୍ତ ସୃଷ୍ଟି କରାଯାଇ ନ ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାକ୍ ଏକ୍ରିଡିଟେସନ୍ ପାଇଁ ଆବେଦନ କରାଯାଇ ନାହିଁ । ଏ ବାବଦରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟର ଉଚ୍ଚ ଶିକ୍ଷା ବିଭାଗ ବାରମ୍ବାର ଅବଗତ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଏହି ପରିପ୍ରେକ୍ଷୀରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀଙ୍କ ନାମଲେଖା ବନ୍ଦ ହୋଇଯିବ । ଏ ବାବଦରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଇଛନ୍ତି ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ







ଭୁବନେଶ୍ୱର : ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ତାଙ୍କ ନିଜ ରାଜ୍ୟ ଓଡ଼ିଶାକୁ ଦ୍ୱିତୀୟ ଥର ପାଇଁ ଏକ ଦୁଇ ଦିନିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଦିଲ୍ଲୀ ଫେରି ଯାଇଛନ୍ତି । ଗତ ୧୦ ତାରିଖ ଦିନ ଶ୍ରୀମତୀ ମୁର୍ମୁ ଭୁବନେଶ୍ୱରରେ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଜ୍ଞାନପ୍ରଭା ମିଶନ ପ୍ରତିଷ୍ଠାତା ପରମହଂସ ପ୍ରଜ୍ଞାନାନନ୍ଦଜୀ ରାଷ୍ଟ୍ରପତିଙ୍କୁ ତାଙ୍କ ଏକ ପ୍ରତିକୃତି ଭେଟି ଦେଇଥିଲେ । ପରେ ଶ୍ରୀମତୀ ମୁର୍ମୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଚାରି ଜଣଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରିଥିଲେ । ରାଷ୍ଟ୍ରପତି ରାଜଭବନ ପରିସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନୂତନ ଭବ୍ୟ ଅଭିଷେକ ହଲର ମଧ ଉଦ୍‌ଘାଟନ କରିଥିଲେ । ରାଷ୍ଟ୍ରପତି ୧୧ ତାରିଖ ଦିନ ଲିଙ୍ଗରାଜ ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିବା ପରେ ବିଦ୍ୟାଧରପୁର ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଦ୍ୱିତୀୟ ଇଣ୍ଡିଆନ ରାଇସ୍ କଂଗ୍ରେସର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର, ରାଜ୍ୟ କୃଷି, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ବି ଉପସ୍ଥିତ ଥିଲେ । ଏହି ଅବସରରେ ରାଷ୍ଟ୍ରପତି ଓ ରାଜ୍ୟପାଳ କେତେକ ପୁସ୍ତକ ଉନ୍ମୋଚନ କରିଥିଲେ ।

## ଝାରସୁଗୁଡ଼ାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ଜାତୀୟ ଅଧିବେଶନ






ଝାରସୁଗୁଡ଼ା, : ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ୧୫ ତମ ଜାତୀୟ ତଥା ପ୍ରଥମ ଆନ୍ତର୍ଜାତୀୟ ମହାଧିବେଶନ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ତିନି ଦିନ ଧରି ଚାଲିବାକୁ ଥିବା ଏହି ମହା ଅଧିବେଶନକୁ ଉଦ୍‌ଘାଟନ କରିଛନ୍ତି । ମହାସଭାର ରାଷ୍ଟ୍ରୀୟ ଅଧକ୍ଷ ଶିଶୁପାଳ ସୋରିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଲୋକସଭା ସଦସ୍ୟ ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ରବିନାରାୟଣ ନାୟକ, ମହେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗତ ଶୁକ୍ରବାର ଦିନ ବିରାଟ ପଟୁଆରରେ ମହାସଭାର କର୍ମକର୍ତ୍ତା ଏବଂ ସଭ୍ୟସଭ୍ୟା ଝାରସୁଗୁଡ଼ା ବେହେରାମାଲ ପାଖ ଭୁଲିଆଟିକ୍ରା ପୋଖରୀରୁ ବାହାରି ସହର ପରିକ୍ରମା ପୂର୍ବକ ହଂସାମୁରା କଟାପାଲି ପାଖ ପଡ଼ିଆ ମହାଧିବେଶନ ସ୍ଥଳରେ ପହଞ୍ଚିଥିଲେ । ପ୍ରାୟ ଚାରି ହଜାରରୁ ଅଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ ବେହେରାମାଲ କିଶାନଛକ, ବିଟିଏମ ବାଇପାସ, ବକ୍ସିଛକ ଦେଇ ମହାଧିବେଶନ ସ୍ଥଳରେ ପହଞ୍ଚିବା ସହ ଜଙ୍ଘା ବଡ଼ଦେଓଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସପ୍ତରଙ୍ଗୀ ପତାକା ଉତ୍ତୋଳନ କରାଯାଇଥିଲା । କାର୍ତ୍ତିକ ନାଏକ ଏବଂ ତାଙ୍କ ପତ୍ନୀ ସୁଲୋଚନା ମୁଖ୍ୟ କଳସ ଧାରଣ କରିଥିଲେ । କୋର୍ବା ସ୍ଥିତ ଶକ୍ତିପୀଠର ମୁଖ୍ୟ ପୂଜକ ପୂଜା କାର୍ଯ୍ୟ କରିଥିବା ବେଳେ ଜଂଘା ବଡ଼ଦେଓ ମନ୍ଦିର ପୂଜକମାନେ ସହାୟତା କରିଥିଲେ ।

## ଏ ସଂଖ୍ୟାରେ..


ବହୁରୋଗ ଲାଗି ବରଦାନ ତେଜପତ୍ର


ମେଥିର ଔଷଧୀୟ ଗୁଣ


ଔଷଧ ପରି କାମକରେ କୋଳାଏ ରସୁଣ


ଓଜନ କମାଇବ କଞ୍ଚା ଲଙ୍କା


କ୍ୟାନସର ଦୂର କରେ ପିଆଜ


ଅଳସୀର ଉପକାରିତା

# ଜାମକାନି କୋଇଲା ଖଣି ଖନନ କାର୍ଯ୍ୟକ୍ରମ ଆରମ୍ଭ

ସୁନ୍ଦରଗଡ଼ : ନୂତନ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ଦାବିକରି ନେବାର କମ୍ପାନୀକୁ ଅବଣ୍ଟିତ ହୋଇଥିବା ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଜାମକାନି କୋଇଲା ଖଣି ଖନନକୁ ବିରୋଧ କରି ଗତ ନଭେମ୍ବର ୫ରୁ ଦୀର୍ଘ ୯୮ ଦିନ ଧରି ଆନ୍ଦୋଳନ ଚଳାଇଥିବା ବିସ୍ଥାପିତ ଗ୍ରାମବାସୀ ଆନ୍ଦୋଳନକୁ ପ୍ରତ୍ୟାହାର କରିଛନ୍ତି । ସୁନ୍ଦରଗଡ଼ ଜିଲା ପ୍ରଶାସନ, ବେଦାନ୍ତ, ଖଣି ଖନନ କାର୍ଯ୍ୟ ପାଇଥିବା ବିଜିଆର କମ୍ପାନୀ ଅଧିକାରୀମାନେ ବିଧାୟିକାଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀ ବିସ୍ଥାପିତ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଛି । ଆନ୍ଦୋଳନ ପ୍ରତ୍ୟାହାର ପରେ ଖଣି ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ବିସ୍ଥାପିତ ଗ୍ରାମବାସୀଙ୍କ ୮ଦଫା ଦାବିସହ ଏକର ପ୍ରତି ଅନୁକମ୍ପା ରାଶି ୧୫ଲକ୍ଷ ଏବଂ ପୂର୍ବରୁ ୩ଲକ୍ଷ ଲେଖା ଧାର୍ଯ୍ୟ ହୋଇଥିବା ବକେୟା ଥିବା ଅନୁକମ୍ପା ରାଶିରେ ୧୨ ପ୍ରତିଶତ ଲେଖାଏଁ ୧୦ବର୍ଷର ସୁଧ ହିସାବରେ ପ୍ରଦାନ ପାଇଁ ଆଲୋଚନା ସଭାରେ ନିଷ୍ପତ୍ତି ହୋଇଛି । ଆନ୍ଦୋଳନ ପ୍ରତ୍ୟାହୃତ ପରେ ନଡିଆ ଭଙ୍ଗା ଯାଇ ବିଜିଆର୍ କମ୍ପାନୀ ପକ୍ଷରୁ ଖଣି ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ଜାମକାନୀ ଖଣି ଭୂଷଣ କମ୍ପାନୀକୁ ଆବଣ୍ଟିତ ହୋଇଥିଲା । ପ୍ରଶାସନ ପକ୍ଷରୁ ଏଥିପାଇଁ ଜମି ଅଗ୍ରହଣ କରାଯାଇ ବିସ୍ଥାପିତଙ୍କୁ କ୍ଷତି ପୂରଣ ମଧ ପ୍ରଦାନ କରାଯାଇଥିଲା ମାତ୍ର ପରବର୍ତ୍ତୀ ସମୟରେ ଭୂଷଣ କମ୍ପାନୀ ନାମରେ ବାତିଲ ହୋଇ ବେଦାନ୍ତ କମ୍ପାନୀକୁ ମିଳିଥିଲା । କିନ୍ତୁ ଦୀର୍ଘ ୧୨ ବର୍ଷ ପରେ ଇଡକୋଠାରୁ ବେଦାନ୍ତ କମ୍ପାନୀକୁ ଅଧିଗ୍ରହଣ ହୋଇଥିବା ଜମି ହସ୍ତାନ୍ତର ହେବାପରେ ବେଦାନ୍ତ କମ୍ପାନୀ ପକ୍ଷରୁ ବିଜିଆର୍ କମ୍ପାନୀ ଖଣି କାର୍ଯ୍ୟ ଆରମ୍ଭ କରିବାକୁ ଆସିଥିଲା । ସେତେବେଳେ ଜମି ପ୍ରତି ଏକର ପିଛା ୬ ଲକ୍ଷ ଦେବାକୁ ଘୋଷଣା କରି ପ୍ରଶାସନ ଉପସ୍ଥିତିରେ ଖଣି କାର୍ଯ୍ୟ ଆରମ୍ଭ ପୂର୍ବରୁ ବିବାଦ ସୃଷ୍ଟି ହୋଇ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧରେ ମାଡ଼ପିଟ ହେବା ଓ ପୋଲିସ ପକ୍ଷରୁ ଲାଠି ଚାଳନା ପର୍ଯ୍ୟନ୍ତ ଯାଇଥିଲା । କିନ୍ତୁ ଗ୍ରାମବାସୀ ଆନ୍ଦୋଳନ ସ୍ଥଳ ଛାଡି ନ ଥିଲେ ଏବଂ ଧାରଣାରେ ବସି ରହିଥିଲେ । ଏହି ଆନ୍ଦୋଳନକୁ ବିଧାୟିକା କୁସୁମ ଟେଟେ ନିଜର ସମର୍ଥନ ଜଣାଇ ଜିଲାପାଳଙ୍କ ସହ ଏକ ବୈଠକରେ ସାମିଲ ହୋଇଥିଲେ । ଏଥିସହିତ ଖଣି ଖନନ କାର୍ଯ୍ୟ ପାଇଥିବା ବିଜିଆର୍ କମ୍ପାନୀ ପକ୍ଷରୁ ବିସ୍ଥାପିତ ଗ୍ରାମବାସୀଙ୍କ ମଧରେ ତୁହାକୁ ତୁହା ଆଲୋଚନା ହୋଇଥିଲା । ପରିଶେଷରେ ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ବିସ୍ଥାପିତ ନେତା ଗୋପାଳ ପ୍ରଧାନ, ସାଂସଦ ପ୍ରତିନିଧି ବଟକିଶୋର ମିଶ୍ର, ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ଅସୀମ ପଟେଲ, ବିଜେଡି ନେତ୍ରୀ ମୈଥୁଲି ବେହେରା, ବିଜେଡିର ଜିଲା ଉପସଭାପତି ସୁକାନ୍ତ ପତିଙ୍କ ଉପସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସଦର ଉପଜିଲାପାଳ ଦାଶରଥି ସରାବୁ; ବେଦାନ୍ତ ସିଇଓ ଶ୍ରୀକାନ୍ତ, ବିଜିଆର୍ ଡାଇରେକ୍ଟର ଧୀରଜ ରେଡ୍ଡୀ, ବିଜିଆର୍ ପ୍ରୋଜେକ୍ଟ ହେଡ ନରସିଂମହା ବର୍ମା, ହେମଗିର ଥାନା ଆଇଆଇସି ରମାକାନ୍ତ ସାଏ ପ୍ରମୁଖ ଅଧାକାରୀମାନେ ଉପସ୍ଥିତ ହୋଇ ବିସ୍ଥାପିତ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହା ପରେ ଆନୁଷ୍ଠାନିକ ଭାବେ ଖଣି ଖନନ କାର୍ଯ୍ୟ ଆରମ୍ଭ ହୋଇଛି ।

# ମହିଳା ସଶକ୍ତୀକରଣ ଅନୁଷ୍ଠାନ 'ମିତ' ଉଦ୍‌ଘାଟିତ

ସୁନ୍ଦରଗଡ଼ : ଛୋଟ ବ୍ୟବସାୟୀ ଏବଂ ଉଦ୍ୟୋଗୀଙ୍କୁ ଶିକ୍ଷିତ କରି ପ୍ରେରଣା ଯୋଗାଇ ସେମାନଙ୍କ ପରିବାର ତଥା ସମ୍ପ୍ରଦାୟ ପାଇଁ ଏକ ନୂତନ ଭବିଷ୍ୟତ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ମିତ' ନାମରେ ଏକ ମହିଳା ଅନୁଷ୍ଠାନ ଉଦ୍‌ଘାଟିତ ହୋଇଛି । ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅନୁଷ୍ଠାନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ପୌରାଧକ୍ଷା ମିଶ୍ର 'ମିତ' ମାଧମରେ ମହିଳା ଉଦ୍ୟୋଗୀଙ୍କର ଆର୍ଥିକ ବିକାଶ ହେବା ସହ ସ୍ୱାବଲମ୍ବୀ ହେବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ଅବସରରେ ମିତର ସଭାନେତ୍ରୀ ରୁଚିମିତ୍ରା ଜଗଦେବ ମହାପାତ୍ର 'ମିତ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏନ୍‌ଡବ୍ଲ୍ୟୁଓ ଭୁବନେଶ୍ୱର ବିଶାଖା ଭଞ୍ଜ, ଆଇନା ଅନୁଷ୍ଠାନର ପ୍ରତିଷ୍ଠାତା ସ୍ନେହ ମିଶ୍ର ପ୍ରମୁଖ ଉପସ୍ଥିତ ରହି 'ମିତ' ଜରିଆରେ ଛୋଟ ମହିଳା ଉଦ୍ୟୋଗୀ ଓ ବ୍ୟବସାୟୀଙ୍କ ବ୍ୟବସାୟକୁ ଅଧିକରୁ ଅଧିକ ବ୍ୟାପକ କରି ଅନ୍‌ଲାଇନ ଓ ଜରିଆରେ ବିକ୍ରୟ କରି ମହିଳାଙ୍କୁ ସ୍ୱାବଲମ୍ବୀ କରି ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାର ବିଭିନ୍ନ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । 'ମିତ' ର ସଭ୍ୟା ସମୀମା ବେଗମ୍, ସଂଘମିତ୍ରା ଦୁବେ, ଅହଲ୍ୟା ସା, ଅଫ୍ ଲାଇନ୍ ସେନା ବାନୋ, ପୁଷ୍ପାଞ୍ଜଳି ଖଣ୍ଡାୟତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ନିର୍ମିତ ହାତତିଆରି ବ୍ୟାଗ, ଭ୍ୟାନିଟି, କାନଫୁଲ, ମନିପର୍ସ, ଧୂପକାଠି, ସାବୁନ୍ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟସାମଗ୍ରୀ କେକ୍, ବିସ୍କୁଟ, ମିକ୍ସଚର, କୁଲଫି ସମେତ ଜୈବିକ ପ୍ରଣାଳୀରେ ଚାଷ ହୋଇଥିବା ମାଣ୍ଡିଆ ପାଉଡର, ଗଙ୍ଗେଇ, ସୁଆଁ, ଗୁଲଚି, କୁଦ, କୋଳଥ ଓ ମୁଗଡାଲି ଆଦି ଷ୍ଟଲ ମାଧମରେ ପ୍ରଦର୍ଶିତ ଓ ବିକ୍ରୟ ହୋଇଥିଲା ।

# ବନ୍ଦୀ ସାମ୍ବାଦିକ ୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଆନ୍ତର୍ଜାତିକସ୍ତରରେ ବନ୍ଦୀ ସାମ୍ବାଦିକଙ୍କ ସଂଖ୍ୟା ୨୦୨୨ ମସିହାରେ ପୂର୍ବ-ବର୍ଷଗୁଡ଼ିକ ତୁଳନାରେ ଶୀର୍ଷରେ ପହଞ୍ଚିଥିବା ହିସାବ କରାଯାଇଛି । ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ ୨୦୨୧ରେ ମଧ ଶୀର୍ଷ ସ୍ଥାନ ଅଧିକାର କରିଥିବା ସ୍ଥଳେ ୨୦୨୧ ତୁଳନାରେ ୨୦୨୨ରେ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ଘଟିଛି । 'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ' ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୦ରେ ୨୮୦, ୨୦୨୧ରେ ୨୯୩ ସାମ୍ବାଦିକ ବନ୍ଦୀ ଥିବା ସ୍ଥଳେ ୨୦୨୨ ଡ଼ିସେମ୍ବର ପହିଲା ସୁଦ୍ଧା ୩୬୩ ସାମ୍ବାଦିକ ବିଭିନ୍ନ କାରଣରୁ ବନ୍ଦୀଶାଳାରେ ଆବଦ୍ଧ ରହିଥିଲେ । ଏହି ହିସାବରେ ଭାରତରୁ ସାତ ଜଣ ବନ୍ଦୀ ସାମ୍ବାଦିକ ଅନ୍ତର୍ଭୁକ୍ତ ।

'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟସ' ଯୁକ୍ତରାଷ୍ଟ୍ର ଆମେରିକାଭିତ୍ତିକ ଏକ ବେସରକାରୀ ସଂଗଠନ । ବିଶ୍ୱବ୍ୟାପୀ ସାମ୍ବାଦିକଙ୍କ ସୁରକ୍ଷାକଳ୍ପେ ୧୯୮୧ରେ ଗଠିତ ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ନ୍ୟୁ-ୟର୍କରେ ଅବସ୍ଥିତ । ଯେକୌଣସି ସୂତ୍ରରୁ ସାମ୍ବାଦିକଙ୍କ ସୁରକ୍ଷା ବିପନ୍ନ ସମ୍ବାଦ ହସ୍ତଗତ ହେବା ପରେ ସଂସ୍ଥାର ଅଧିକୃତ ଆଞ୍ଚଳିକ ପ୍ରତିନିଧିମାନେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି । ପ୍ରତିବର୍ଷ ପ୍ରକାଶିତ ଏହାର ବାର୍ଷିକ ବିବରଣୀରେ ସାମ୍ବାଦିକଙ୍କୁ ବନ୍ଦୀ, ହତ୍ୟା ଓ ନିର୍ଯ୍ୟାତନାର ବିସ୍ତୃତ ବିବରଣୀ ସ୍ଥାନ ପାଇଥାଏ । କେତେକ ଏହାର କାର୍ଯ୍ୟାବଳୀକୁ 'ସାମ୍ବାଦିକତା ରେଡ଼କ୍ରସ' ଅଭିହିତ କରିଥାନ୍ତି ।

ସାମ୍ବାଦିକଙ୍କୁ ବନ୍ଦୀ କରିବା ୨୦୨୨ର ତାଲିକାରେ ଶୀର୍ଷରେ ରହୁଥିବା ପାଞ୍ଚଗୋଟି ରାଷ୍ଟ୍ର ମଧ୍ୟରେ ଯଥାକ୍ରମେ ଇରାନ, ଚୀନ, ମିୟାମାର, ତୁର୍କୀ ଓ ବେଲାଋଷ ଚିହ୍ନିତ । କୋଭିଡ଼-୧୯ ମହାମାରୀଜନିତ ବିଘଟନ ଏବଂ ଋଷ-ୟୁକ୍ରେନ ଯୁଦ୍ଧ କାରଣରୁ ସୃଷ୍ଟ ଅର୍ଥନୀତିକ ମନ୍ଦାବସ୍ଥାରେ ପ୍ରଭାବିତ ଜନଜୀବନରେ ଉଚ୍ଚାରିତ ଆକ୍ରୋଶ ପ୍ରଚାରକୁ ଦବାଇବା ନିମନ୍ତେ ସ୍ୱେଚ୍ଛାଚାରୀ ପ୍ରଶାସକମାନେ ସାମ୍ବାଦିକଙ୍କ କଣ୍ଠରୋଧ ଲାଗି ସେମାନଙ୍କୁ ବନ୍ଦୀ କରିଥାନ୍ତି । ଇରାନରେ ପୋଲିସ ହାଜତରେ ମାଶା ଆମିନି ନାମକ ୨୨ ବର୍ଷିଆ ଯୁବତୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ହିଜାବ-ବିରୋଧୀ ଆନ୍ଦୋଳନରେ ପ୍ରାୟ ୧୪ ହଜାର ବନ୍ଦୀ ହୋଇଥିଲେ । ସେମାନଙ୍କ ମଧରେ ୬୨ ଜଣ ସାମ୍ବାଦିକଙ୍କ ତଥା ୨୨ ଜଣ ମହିଳା ସାମ୍ବାଦିକ ଅନ୍ତର୍ଭୁକ୍ତ ଥିଲେ ।

ଚୀନରେ ସରକାରଙ୍କ ଶୂନ୍ୟ-କୋଭିଡ଼ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଅବସରରେ ବହୁ ସଂଖ୍ୟକ ସାମ୍ବାଦିକଙ୍କୁ ପ୍ରଶାସନ ସ୍ୱଳ୍ପକାଳୀନ ବନ୍ଦୀ କରିଥିଲେ । ସେଠାରେ ୨୦୨୧ରେ ୪୮ ଜଣ ସାମ୍ବାଦିକ ବନ୍ଦୀ ହୋଇଥିବା ହିସାବ କରାଯାଇଥିବା ସ୍ଥଳେ ୨୦୨୨ରେ ୪୩କୁ ଖସିଥିବା କୁହାଯାଏ । ସେହିପରି ମିୟାମାର ୨୦୨୧ରେ ସମଗ୍ର ବିଶ୍ୱରେ ସାମ୍ବାଦିକଙ୍କୁ ବନ୍ଦୀ କରିବାରେ ଦ୍ୱିତୀୟ ରାଷ୍ଟ୍ର ପରିଗଣିତ ହୋଇଥିବା ସ୍ଥଳେ ୨୦୨୨ରେ ତୃତୀୟ ସ୍ଥାନକୁ ଆସିଛି । ତେବେ ୨୦୨୧ରେ ୩୦ ଜଣ ସାମ୍ବାଦିକ ବନ୍ଦୀ ହୋଇଥିବା ସ୍ଥଳେ ୨୦୨୨ରେ ୪୨ରେ ପହଞ୍ଚିଛି । ସେଠାକାର ଗଣମାଧମ ପ୍ରତିଷ୍ଠାନଗୁଡ଼ିକ ବନ୍ଦୀ ସାମ୍ବାଦିକଙ୍କ ସହ ସଂପର୍କ ସ୍ୱୀକାର କରୁନଥିବା ହେତୁ ବିଷମ ପରିସ୍ଥିତି ଉପୁଜିଥାଏ ।

ତୁର୍କୀରେ ୨୦୨୧ରେ ୧୮ ଜଣ ସାମ୍ବାଦିକ ବନ୍ଦୀ ହୋଇଥିବା ବେଳେ ୨୦୨୨ରେ ସେମାନଙ୍କ ସଂଖ୍ୟା ୪୦କୁ ବଢ଼ିଥିଲା । ସମଧାରାରେ ବେଲାଋଷରେ ୨୦୨୧ରେ ୧୯ ଜଣ ସାମ୍ବାଦିକ ବନ୍ଦୀ ହୋଇଥିବା ସ୍ଥଳେ ୨୦୨୨ରେ ୨୬ରେ ପହଞ୍ଚିଥିଲା । ବେଲାଋଷରେ ମୁଖ୍ୟତଃ ୨୦୨୦ରେ ବିବାଦୀୟ ରାଷ୍ଟ୍ରପତି ନିର୍ବାଚନ ସଂପର୍କରେ ସମ୍ବାଦ ଓ ଅଭିମତ ପରିବେଷଣ କରି ସାମ୍ବାଦିକମାନେ ବନ୍ଦୀ ହୋଇଥିବା କୁହାଯାଏ ।

ଆଞ୍ଚଳିକ ଭିତ୍ତିରେ ଚୀନ, ମିୟାମାର ଓ ଭିଏତନାମରେ ସର୍ବାଧିକ ୧୧୯ ଜଣ ସାମ୍ବାଦିକ ବନ୍ଦୀ ରହିଥିଲେ । ଭିଏତନାମରେ ୨୦୨୨ରେ ୨୧ ଜଣ ସାମ୍ବାଦିକ କାରାବରଣ କରିଥିଲେ । ଆଫ୍ରିକାରେ ଏରାଟିକା ଭଳି ରାଷ୍ଟ୍ରରେ ୧୬ ଜଣ ସାମ୍ବାଦିକ ବନ୍ଦୀ ଥିବା ଏବଂ ସେମାନଙ୍କ ନ୍ୟାୟିକ ବିଚାର ଦୀର୍ଘକାଳ ଧରି ବିଳମ୍ବ ହୋଇଥିବା ଜଣାଯାଏ । ଲାଟିନ ଆମେରିକାରେ ଅପେକ୍ଷାକୃତ କମ ସଂଖ୍ୟକ ସାମ୍ବାଦିକ ବନ୍ଦୀ ଚିହ୍ନଟ ହୋଇଥାଏ । ମଧ-ପ୍ରାଚ୍ୟ ଇଜିପ୍ଟରେ ୨୧ ଜଣ ବନ୍ଦୀ ଥିଲେ । ଋଷରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାପରେ ପ୍ରଚଳିତ ବ୍ୟବସ୍ଥାରେ ଅତିଷ୍ଠ ହୋଇ ବହୁ ସଂଖ୍ୟକ ସାମ୍ବାଦିକ ଦେଶାନ୍ତର ଗମନ କରିଥିବା ପ୍ରକାଶ ।

'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ'ର ବିବରଣୀ ଅନୁଯାୟୀ ୨୦୨୨ରେ ଭାରତରେ ସାତ ଜଣ ସାମ୍ବାଦିକ ବନ୍ଦୀ ଥିଲେ । ସେମାନଙ୍କ ମଧରୁ ଛଅଜଣ ଆତଙ୍କବାଦ ବିରୋଧ ଓ ବେନିୟମ କାର୍ଯ୍ୟକଳାପ ନିଷେଧ ଭଳି ଆଇନ ଅମାନ୍ୟରେ ଅଭିଯୁକ୍ତ । ତିନିଜଣ ସାମ୍ବାଦିକ ବର୍ଷରୁ ଅଧିକ ସମୟଧରି ବନ୍ଦୀ । ସର୍ବାଧିକ ଚାରି ଜଣ କାଶ୍ମୀର ସାମ୍ବାଦିକଙ୍କ ମଧରେ 'କାଶ୍ମୀର ନେରେଟର'ର ସମ୍ବାଦଦାତା ଅଶିଫ ସୁଲତାନ, 'କାଶ୍ମୀର ୱାଲା'ର ସଜାଦ ଗୁଲ ଓ ଫରାଦ ଶାହଙ୍କ ସହ ମାନନ ଧର ନାମକ ଜଣେ ଫ୍ରିଲାନ୍ସ ସାମ୍ବାଦିକ ଜେଲରେ ରହିଥିଲେ । ଝାଡ଼ଖଣ୍ଡର ରୂପେଶ କୁମାର ସିଂ, ପୁନେର ଗୌତମ ନଭାଲକାର ଓ କେରଳରେ ସିଦ୍ଦିକ କାପାନ ଅନ୍ୟତମ ବନ୍ଦୀ ସାମ୍ବାଦିକ ।

ଭିନ୍ନ ଭିନ୍ନ ରାଷ୍ଟ୍ରରେ ବିଭିନ୍ନ କାରଣରୁ ସାମ୍ବାଦିକଙ୍କୁ ବନ୍ଦୀ କରାଯାଉଥିବା ସ୍ଥଳେ ସାମ୍ବାଦିକମାନେ ସ୍ଥାନୀୟ ଆଇନ ଉଲଂଘନ କରିଥିବା ଅଭିଯୋଗ ହୋଇଥାଏ । ଆଇନ ଉଲଂଘନର ତର୍ଜମା ବିଚାରାଳୟରେ କରାଯାଏ ଏବଂ ଦୋଷ ପ୍ରମାଣିତ ହେଲେ ଯେକୌଣସି ସାଧାରଣ ନାଗରିକଙ୍କ ଭଳି ସାମ୍ବାଦିକମାନେ ମଧ ଦଣ୍ଡିତ ହୋଇଥାନ୍ତି । ତେବେ ବନ୍ଦୀ ସାମ୍ବାଦିକ ପ୍ରସଙ୍ଗ ଆଲୋଚ୍ନା କଲାବେଳେ କେତେଗୋଟି ଦିଗ ଗୁରୁତ୍ୱ ବହନ କରେ ।

ପ୍ରଥମତଃ, ଦେଖିବାକୁ ମିଳେ ସର୍ବତ୍ର ଖ୍ୟାତିସଂପନ୍ନ ସାମ୍ବାଦିକମାନେ କ୍ୱଚିତ ବନ୍ଦୀ ହୋଇଥାନ୍ତି । ମୁଖ୍ୟତଃ ଗଣମାଧମ ସଂସ୍ଥାଗୁଡ଼ିକ ଦ୍ୱାରା ଅନୁବନ୍ଧିତ ମୁକ୍ତ ବୃତ୍ତିର ସାମ୍ବାଦିକ 'ଫ୍ରିଲାନ୍ସର', 'କଣ୍ଟ୍ରିବ୍ୟୁଟର' ବର୍ଗର ସାମ୍ବାଦିକଙ୍କୁ ବନ୍ଦୀ କରାଯାଇଥାଏ । ଏହାର ମୁଖ୍ୟ କାରଣ ଆଇନକାନୁନ ସଂପର୍କରେ କେତେକ ସାମ୍ବାଦିକ ଅବଗତ ନଥିବା ହେତୁ ବା ଜାଣିଶୁଣି ଉଲଂଘନ କରୁଥିବା କାରଣରୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥାନ୍ତି । ପ୍ରଚଳିତ ଆଇନକାନୁନ ତ୍ରୁଟିପୂର୍ଣ୍ଣ ହୋଇପାରେ । କିନ୍ତୁ ତାହାର ବିଧିବଦ୍ଧ ପରିବର୍ତ୍ତନ ନହେବା ଯାଏଁ ସମସ୍ତ ନାଗରିକ ମାନିବାକୁ ବାଧ ।

ଦ୍ୱିତୀୟତଃ, ଏକ ସ୍ପର୍ଶକାତର ଘଟଣାକୁ ସମ୍ବାଦ ଭାବେ ଉପସ୍ଥାପିତ କରିବା କିମ୍ବା ଅଭିମତ ବାଢ଼ିବା ଅବସରରେ ଅନେକ କ୍ଷେତ୍ରରେ ଶୈଳୀଗତ ଓ ଭାଷାଗତ ଚାତୁର୍ଯ୍ୟ ସାମ୍ବାଦିକଙ୍କୁ ଆଇନ ପଞ୍ଝାରୁ ମୁକୁଳାଇ ଦେଇପାରେ । ଏହା ତାଲିମ ଓ ଅଭ୍ୟାସ ଉପରେ ନିର୍ଭରଶୀଳ । ଅତିକମରେ ସମ୍ବାଦଟିଏ ରଚନା ପରେ ବାରମ୍ବାର ସଂଶୋଧନ, ସତୀର୍ଥ କିମ୍ବା ସାଧାରଣ ପାଠକଙ୍କୁ ପଢ଼ାଇ ସେମାନଙ୍କ ପ୍ରତିକ୍ରିୟା ଗ୍ରହଣ ସମ୍ବାଦର ବୈଷୟିକ ତ୍ରୁଟିଗୁଡ଼ିକ ସଂଶୋଧନରେ ସାହାଯ୍ୟ କରିଥାଏ । ପୋଖତ ସାମ୍ବାଦିକମାନେ ଏହି ସୂତ୍ରକୁ ନିଷ୍ଠା ସହକାରେ ପାଳନ କରିଥାନ୍ତି । କିନ୍ତୁ ଭାବାବେଗର ବଶବର୍ତ୍ତୀ ହୋଇ ତରବରିଆ ରଚ୍ନା ଅନେକ ସମୟରେ ଆଇନଗତ ଜଟିଳତାକୁ ଟାଣିଆଣେ । ତୃତୀୟତଃ, କୋଭିଡ଼-୧୯ ମହାମାରୀ ପୂର୍ବାବସ୍ଥାରୁ ବିଭିନ୍ନ କାରଣରୁ ବିଶ୍ୱର କେତେକ ରାଷ୍ଟ୍ରରେ ଏକଛତ୍ରବାଦ ଶାସନ ବ୍ୟବସ୍ଥା ମୁଣ୍ଡ ଟେକିବା ପରେ ନୀତିବାନ ସାମ୍ବାଦିକମାନେ ସାମ୍ବାଦିକତା ବୃତ୍ତି ପରିତ୍ୟାଗ କରୁଛନ୍ତି, ଦେଶାନ୍ତର ଗମନ କରୁଛନ୍ତି କିମ୍ବା ଆତ୍ମ-ନିର୍ବାସନକୁ ଉଚ୍ଚିତ ପନ୍ଥା ବିଚାର କରୁଛନ୍ତି । ସାମ୍ବାଦିକତା ମୁଖ୍ୟତଃ ଏକ ସୃଜନ କଳା । ସାମ୍ବାଦିକଟିଏ ତଥ୍ୟ ଓ ଭାଷାର ଖେଳରେ ନିମଜ୍ଜି ରହେ । ଆଇନ-ଅଦାଲତ, ବନ୍ଦୀ-ଜୀବନ ସୃଜନଶୀଳଙ୍କ ରୁଚ୍ି ବର୍ହିଭୂତ । ଏତଦ୍ୱାରା ସାମ୍ବାଦିକତା ପ୍ରତିହତ ହେଉଛି, ଗଣତନ୍ତ୍ର ବିପନ୍ନ ଅବସ୍ଥାକୁ ଟାଣି ହୋଇଯାଉଛି । କିନ୍ତୁ ରାଜନୀତିକ ସମୀକରଣ ସାମ୍ବାଦିକତା ବୃତ୍ତି ପର୍ଯ୍ୟାୟଭୁକ୍ତ ନୁହ, ଏକଥା ପ୍ରତ୍ୟେକ ସାମ୍ବାଦିକ ବୁଝିବା ଆବଶ୍ୟକ ।

ବନ୍ଦୀ ସାମ୍ବାଦିକଙ୍କ ସଂପର୍କୀତ ତଥ୍ୟାବଳୀ ଅଧୟନ କାର୍ଯ୍ୟରତ ସାମ୍ବାଦିକଙ୍କୁ ସେମାନଙ୍କ ବୃତ୍ତିରେ ସଂଭାବ୍ୟ ବିପଦ ସଂପର୍କରେ ପରିଚ୍ିତ କରାଇଥାଏ । ବନ୍ଦୀ ସାମ୍ବାଦିକଙ୍କ ଜୀବନ ବିବରଣୀ 'କେସ ଷ୍ଟଡ଼ି' ଆଇନର ଜାଲରୁ କିପରି ମୁକୁଳିବାକୁ ହେବ ତାହା ଶିଖାଇଥାଏ । ପ୍ରତିଷ୍ଠିତ ସମ୍ବାଦ ସଂସ୍ଥାଗୁଡ଼ିକରେ ପ୍ରକାଶିତ ରଚନା ବହୁସ୍ତରରେ ସମ୍ପାଦନାର ସୁବିଧା ଥିବା ହେତୁ ପ୍ରାୟତଃ ଆଇନ ଉଲଂଘନରୁ ବଞ୍ଚାଇ ଦେଇଥାଏ । ପରିବର୍ତ୍ତିତ ପରିବେଶରେ ସାମ୍ବାଦିକଟିଏ ପ୍ରଚଳିତ ଆଇନ ଉଲଂଘନ ନକରି କିପରି ସମ୍ବାଦ ପରିବେଷଣ କରିପାରିବ ସେହି କଳାକୌଶଳ ଶିଖିବା ଆବଶ୍ୟକ । ସାମ୍ବାଦିକତା ପାଠ୍ୟକ୍ରମର ଏହା ଅଂଶବିଶେଷ କରିବା ସଙ୍ଗେ ବୃତ୍ତିଧାରୀଙ୍କ ନିମନ୍ତେ ଅନଲାଇନ ମେନଟରସିପ ଆୟୋଜନ ଉଚ୍ିତ ପଦକ୍ଷେପ ବୋଲି ବିଶ୍ୱାସ କରାଯାଇପାରେ ।

# ଆସୁରୀ ବ୍ୟକ୍ତିତ୍ୱ କ୍ରୂର କର୍ମଗୁଡିକର କର୍ତ୍ତା ହୋଇଥାନ୍ତି

ଆସୁରୀ ପ୍ରବୃତ୍ତିର ମନୁଷ୍ୟମାନଙ୍କର ମାନ୍ୟତା ଅନୁସାରେ ଏହି ଜଗତ୍ ଆଶ୍ରୟ ରହିତ, ସର୍ବଥା ଅସତ୍ୟ, ଈଶ୍ୱର ବିହୀନ, ଆପେ ଆପେ କେବଳ ସ୍ତ୍ରୀ-ପୁରୁଷଙ୍କ ସଂଯୋଗରୁ ଉତ୍ପନ୍ନ ହୋଇଛି, ଏଣୁ କେବଳ କାମ ହିଁ ଏହାର କାରଣ । ଏହା ଅତିରିକ୍ତ ଏ ସଂସାର ସୃଷ୍ଟି ହେବାର ଅନ୍ୟ କ'ଣ କାରଣ ଥାଇପାରେ ? ଆସୁରୀ ସ୍ୱଭାବର ବ୍ୟକ୍ତିମାନେ ପ୍ରବୃତ୍ତ-ନିବୃତ୍ତିର ଭେଦ ଜାଣନ୍ତି ନାହିଁ ଏବଂ ତା ସହିତ ଏକଥା ମଧ କହନ୍ତି ଯେ ଏ ଚରାଚର ଜଗତ୍‌ର ଅର୍ଥାତ୍ ସଂସାରର ଧର୍ମ-ଅଧର୍ମ ରୂପେ କୌଣସି ଆଧାର ବା ଆଶ୍ରୟ ନାହିଁ । ଯେହେତୁ ଏହାର ଆଶ୍ରୟ ନାହିଁ ତେଣୁ ଈଶ୍ୱରଙ୍କ ଅସ୍ତିତ୍ୱ ହିଁ ସନ୍ଦିଗ୍ଧ । ଏ ଜଗତର କେହି ରଚୟିତା, ଶାସକ ଓ ନିୟାମକ ନ ଥିବା କଥା ବି ସେମାନେ କହନ୍ତି । ସେମାନଙ୍କ ଅନୁସାରେ ଏ ସଂସାର ବିନା କୌଣସି ଈଶ୍ୱରୀୟ ହସ୍ତକ୍ଷେପରେ କେବଳ ସ୍ତ୍ରୀ-ପୁରୁଷଙ୍କର ପରସ୍ପର କାମବଶତଃ ସଂଯୋଗ କାରଣରୁ ଉତ୍ପନ୍ନ ହୋଇଛି, ଏଣୁ କାମ ହିଁ ଏହାର ଅସ୍ତିତ୍ୱର ଏକମାତ୍ର କାରଣ ।

ଏପରି ଚିନ୍ତା କରିବା ଓ କହିବା ପଛରେ ଆସୁରୀ ପ୍ରବୃତ୍ତିର ମନୁଷ୍ୟମାନଙ୍କର ଅଭିପ୍ରାୟ ହେଉଛି, ଏ ଜଗତ୍‌ରେ ଆମେ ମନଇଚ୍ଛା ଭୋଗଗୁଡ଼ିକୁ ଭୋଗିନେବା ଦରକାର । ସେମାନଙ୍କ ଅନୁସାରେ ଯେହେତୁ ଏଠାରେ କୌଣସି ଈଶ୍ୱର ନାହାନ୍ତି, କୌଣସି କର୍ମ ବିଧାନ, କୌଣସି ଜୀବନ ଉଦ୍ଦେଶ୍ୟ ନାହିଁ, ତେଣୁ ଏଠାରେ ଯେଉଁ କ୍ଷଣିକ ସୁଖ ଆମକୁ ମିଳିଥାଏ, ତାହାକୁ ଭୋଗିବାରେ ଆମେ ନିଜର ଜୀବନ ଲଗାଇଦେବା ଉଚିତ । ଏପରି ବିଚାରର ଲୋକଙ୍କର ଦାୟିତ୍ୱବୋଧ ବା କର୍ତ୍ତବ୍ୟ କର୍ମ ଉପରେ ବିଶ୍ୱାସ ନାହିଁ, ଏହା ସ୍ପଷ୍ଟ । ସେଥିପାଇଁ ସେମାନଙ୍କୁ ଚୋରି, ଅପରାଧ, ହିଂସା, ବ୍ୟଭିଚାର, ଦୁରାଚାର କରିବାରେ କୌଣସି ଖରାପ ଦେଖାଯାଉ ନାହିଁ । ସେମାନେ ଭାବନ୍ତି, ଯଦି କୁକର୍ମ କରି ମଧ ସୁଖ ମିଳୁଛି ତାହେଲେ ସେହି କୁକର୍ମଗୁଡ଼ିକୁ ନିଃସଂକୋଚ ଭାବରେ କରିନେବା ଉଚିତ, କାରଣ ଜୀବନ ନିରର୍ଥକ, ଏହାର କୌଣସି ପରମ ଉଦ୍ଦେଶ୍ୟ ନାହିଁ । ଏଭଳି ଚିନ୍ତନ ଆସୁରୀ ସ୍ୱଭାବର ବ୍ୟକ୍ତିମାନଙ୍କର ହୋଇଥାଏ । ଏହି ଦୃଷ୍ଟିର ଆଶ୍ରୟ ନେଉଥିବ । ଯେଉଁ ମନୁଷ୍ୟଗଣ ନିଜର ନିତ୍ୟ ସ୍ୱରୂପକୁ ମାନନ୍ତି ନାହିଁ ତଥା ଯେଉଁମାନଙ୍କ ବୁଦ୍ଧି ତୁଚ୍ଛ ବା ମନ୍ଦ, ଯେଉଁମାନେ ସମସ୍ତଙ୍କର ଅପକାର କରୁଥିବା କ୍ରୂରକର୍ମ ହିଁ କରିବା ଜାଣନ୍ତି, ସେହି ମନୁଷ୍ୟମାନଙ୍କ ସାମର୍ଥ୍ୟର ଉପଯୋଗ ଜଗତର ନାଶ କରିବାରେ ହିଁ ହୋଇଥାଏ । ପ୍ରକୃତି ପ୍ରତ୍ୟେକ ପ୍ରକାର ବ୍ୟକ୍ତିଙ୍କ ଠାରୁ ସେମାନଙ୍କ ପ୍ରବୃତ୍ତି ଅନୁସାରେ କର୍ମ କରାଇ ନିଏ । ଏପରି ଆସୁରୀ ପ୍ରବୃତ୍ତିର ମନୁଷ୍ୟ, ଯେଉଁମାନଙ୍କର ସ୍ୱଭାବ ନଷ୍ଟ ହୋଇ ଯାଇଛି, ସେମାନେ କେବଳ ଶରୀରକୁ ହିଁ ଅସ୍ତିତ୍ୱ ମାନି ବସିଛନ୍ତି ଏବଂ ତାହାର ସୁଖଗୁଡ଼ିକର ପ୍ରାପ୍ତିରେ ନିଜର ଜୀବନ ନିକ୍ଷେପ କରିଦେବା ପାଇଁ ପ୍ରସ୍ତୁତ ଅଛନ୍ତି, ସେମାନଙ୍କ ବୁଦ୍ଧି ତୁଚ୍ଛ ହୋଇଥାଏ, ସେମାନଙ୍କ କର୍ମ ମଧ କ୍ରୁର ଓ ଅହିତକାରୀ ହୋଇଥାଏ ଏବଂ ସେଥିପାଇଁ ସେମାନଙ୍କ ସାମର୍ଥ୍ୟର ଉପଯୋଗ କେବଳ ଜଗତର ବିନାଶ ନିମନ୍ତେ ହିଁ କରାଯାଇପାରେ ।

ଆସୁରୀ ବୃତ୍ତିର ମନୁଷ୍ୟ, ଯେଉଁମାନେ ପ୍ରବୃତ୍ତି-ନିବୃତ୍ତିର ଭେଦକୁ ବୁଝନ୍ତି ନାହିଁ, ଯେଉଁମାନଙ୍କ ଆଚରଣ ଶ୍ରେଷ୍ଠ ହୋଇ ନ ଥାଏ ଓ କରିବା ଯୋଗ୍ୟ ହୋଇ ନ ଥାଏ - ଏପରି ମିଥ୍ୟା ଜ୍ଞାନର ଅବଲମ୍ବନକାରୀ ମନୁଷ୍ୟ ନିଜର ସ୍ୱଭାବକୁ ନଷ୍ଟ କରି ବସନ୍ତି । ମିଥ୍ୟା ଜ୍ଞାନର ତାତ୍ପର୍ଯ୍ୟ ସେହି ବିଚାର, ଯେଉଁଥିରେ ସେମାନେ ମାନନ୍ତି ଯେ ଏ ଜଗତ୍‌ର କୌଣସି ଆଶ୍ରୟ-ଆଧାର ନାହିଁ; ଏଠାରେ କୌଣସି ଈଶ୍ୱର ନାହାନ୍ତି, କୌଣସି କର୍ମ ବିଧାନ ନାହିଁ; ଏଠାରେ ଭୋଗ ହିଁ ସବୁ କିଛି, ଏଠାରେ ଯୋଗ ବୋଲି କିଛି ବି ନାହିଁ; ଏଠାରେ ସାଧନା ବୋଲି କିଛି ବି ନାହିଁ । ଏଠାରେ ଜୀବନର କୌଣସି ଲକ୍ଷ୍ୟ, କୌଣସି ଉଦ୍ଦେଶ୍ୟ ନାହିଁ, କୌଣସି ଗନ୍ତବ୍ୟ ନାହିଁ ଏବଂ ସେଥିପାଇଁ ଏଠାରେ ଜୀବନକୁ କେବଳ ଭୋଗ ପ୍ରାପ୍ତିରେ ଲଗାଇ ଦେବା କିଛି ଭୁଲ କଥା ନୁହେଁ ।

ଯେଉଁ ବ୍ୟକ୍ତି ଏ ପ୍ରକାର ଧାରଣା ଓ ମାନ୍ୟତା ଆଧାରରେ ନିଜର ଜୀବନଯାପନ କରିବ, ସେ ନିଜର ନିତ୍ୟ ସ୍ୱରୂପ ସହିତ ଅପରିଚିତ ରହିଯିବ, ସେ ନିଜର ସ୍ୱଭାବ ନିଶ୍ଚିତ ରୂପେ ଭୁଲି ବସିବ, ହରାଇ ବସିବ, କାରଣ ଆତ୍ମାର ସ୍ୱଭାବ ହିଁ ପରମ ଶାନ୍ତିରେ, ପରମ ସନ୍ତୁଳନରେ ଲୁଚି ରହିଛି । ଯେପର୍ଯ୍ୟନ୍ତ ଜୀବାତ୍ମା ପରମାତ୍ମାଙ୍କ ସହିତ ଏକରୂପ, ଏକାକାର ହୋଇପାରି ନାହିଁ, ସେପର୍ଯ୍ୟନ୍ତ ନିଜର ସ୍ୱଭାବ ପ୍ରତି ବିମୁଖ ହୋଇଥାଏ । ଯିଏ ଏହି ମାନ୍ୟତାର ବିପରୀତ ଚିନ୍ତନକୁ ନିଜ ଜୀବନର ମୂଳମନ୍ତ୍ର କରି ବସିଛି, ତା'ର ଚିନ୍ତନ ଏକ ଯନ୍ତ୍ରଣା, କଷ୍ଟ, ପୀଡ଼ାରେ ବଦଳି ଯାଏ ।

ଏପରି ବ୍ୟକ୍ତିର ବୃଦ୍ଧି ମଧ ଧୀରେ ଧୀରେ ମନ୍ଦ, ତୁଚ୍ଛ ଓ ନିକୃଷ୍ଟ ହୋଇଯାଏ । ଆଧୁନିକ ସମୟରେ ବୁଦ୍ଧିର ଉପଯୋଗ ଆମେ କେବଳ ତର୍କ କରିବାରେ, ନିନ୍ଦା କରିବାରେ, ଆଲୋଚନା କରିବାରେ, ଅନ୍ୟମାନଙ୍କ ଦୁର୍ବଳତା ଖୋଜିବାରେ କରିଥାଉ । ଏହା ତୁଚ୍ଛ ବୁଦ୍ଧିର ପ୍ରତୀକ । ପ୍ରକୃତ ଅର୍ଥରେ ମନୁଷ୍ୟ ଭିତରେ ଉପଲବ୍ଧ ବୁଦ୍ଧିର କ୍ଷମତା ଜୀବନର ଉଭୟ ପାର୍ଶ୍ୱକୁ ଦେଖିବାର ସାମର୍ଥ୍ୟ ରଖିଥାଏ, ମନୁଷ୍ୟ ଭିତରେ ନିହିତ ସମ୍ଭାବନାଗୁଡ଼ିକର ଜାଗରଣର ସାମର୍ଥ୍ୟ ରଖିଥାଏ ।

ଆସୁରୀ ବୃତ୍ତିର ମନୁଷ୍ୟଙ୍କ ସ୍ୱଭାବ ତ ନଷ୍ଟ ହୋଇଥାଏ, ଏହା ସହିତ ତାଙ୍କର ବୁଦ୍ଧି ମଧ ଅଳ୍ପ, ମନ୍ଦ ବା ନିକୃଷ୍ଟ ହୋଇଯାଏ । ଏପରି ଲୋକେ ପରମାତ୍ମାଙ୍କ ଉପସ୍ଥିତିକୁ ତର୍କ ମାଧମରେ ପ୍ରମାଣିତ କରିବାରେ ଆଗ୍ରହ ଦେଖାନ୍ତି । ସତ କଥା ହେଲା ଜୀବନର ମହତ୍ତ୍ୱପୂର୍ଣ୍ଣ ସତ୍ୟକୁ ଅନୁଭବ କରାଯାଇପାରେ, ପ୍ରମାଣିତ କରାଯାଇ ନ ପାରେ । ଯେପରି ସୌନ୍ଦର୍ଯ୍ୟକୁ ପ୍ରମାଣିତ କରାଯାଇ ନ ପାରେ, ସେହିପରି ପରମାତ୍ମାଙ୍କୁ ମଧ ପ୍ରମାଣିତ କରାଯାଇ ନ ପାରେ । ଆସୁରୀ ବୃତ୍ତର ମନୁଷ୍ୟ ଏହି ତୁଚ୍ଛ ଦୌଡ଼ରେ ନିଜର ବୁଦ୍ଧିକୁ ଲଗାଇ ଦିଅନ୍ତି ।ଏପରି ବୃତ୍ତିର ମନୁଷ୍ୟଙ୍କ ଭିତରେ ଯେଉଁ ଶକ୍ତି ରହିଥାଏ, ତାହା ବିଧ୍ୱଂସକ ହୋଇଥାଏ । ସେହି ଶକ୍ତିର ଉପଯୋଗ କୌଣସି ସାର୍ଥକ କାର୍ଯ୍ୟରେ କରାଯାଇ ନ ପାରେ । ତାହା ଦ୍ୱାରା କେବଳ ଧ୍ୱଂସର କାର୍ଯ୍ୟ କରାଯାଇପାରେ । ଏ ସଂସାରରେ ମୂଳ ରୂପେ ଚାରି ପ୍ରକାର ଆତ୍ମା ଅଛନ୍ତି । ପ୍ରଥମ ପ୍ରକାର ଆତ୍ମାମାନେ ବିଶୁଦ୍ଧ ରୂପେ ପ୍ରକାଶିତ, ପବିତ୍ର, ଦୈବୀ ଉର୍ଦ୍ଧ୍ୱରେ ଆପ୍ଳାବିତ ଥାଆନ୍ତି । ଋଷି, ମୁନି, ଅବତାର, ସିଦ୍ଧ, ସନ୍ଥ ଏହି ଶ୍ରେଣୀରେ ଆସନ୍ତି ।

ଏହା ପରେ ଦ୍ୱିତୀୟ ପ୍ରକାର ଆତ୍ମାମାନଙ୍କ ସାତ୍ତ୍ୱିକ ଭାବ ପ୍ରବଳ ହୋଇଥାଏ, କିନ୍ତୁ ତାମସିକ ବା ଅଧୋଗାମୀ ପ୍ରବୃତ୍ତି ମଧ ସେମାନଙ୍କ ମଧରେ ଦେଖିବାକୁ ମିଳେ । ତୃତୀୟ ପ୍ରକାର ଆତ୍ମାମାନଙ୍କ ମାନସିକ ପ୍ରବୃତ୍ତି ପ୍ରବଳ, କିନ୍ତୁ ସେମାନଙ୍କ ମଧରେ କେବେ କେବେ ସାତ୍ତ୍ୱିକ ପ୍ରକାଶର ଅନୁଭୂତି ହୋଇଯାଏ । ଚତୁର୍ଥ ପ୍ରକାର ଆତ୍ମାମାନେ ସମ୍ପୂର୍ଣ୍ଣ ରୂପେ ଅନ୍ଧକାରରେ, ତମସ୍‌ରେ ଘେରି ରହିଥାନ୍ତି ଏବଂ ଜଡ଼ତା, ପାପ, ନିଷ୍କ୍ରିୟତା ହିଁ ସେମାନଙ୍କ ଜୀବନର ପରିଭାଷା ହୋଇଥାଏ ।

ଏମାନଙ୍କ ମଧରୁ ପ୍ରକୃତି ପ୍ରତ୍ୟେକ ପ୍ରବୃତ୍ତିର ମନୁଷ୍ୟ ଠାରୁ ତା'ର ପ୍ରବୃତ୍ତି ଅନୁସାରେ କାମ ନେଇଥାଏ । ତାମସିକ ପ୍ରଭୁତ୍ୱ ସହିତ ଜନ୍ମିତ ରାବଣର କୁକର୍ମଗୁଡ଼ିକୁ ସେ ମାଧମ କରିନିଏ, ଯେପରି ଭଗବାନ ରାମଙ୍କ ଅବତରଣ ସମ୍ଭବ ହୋଇ ପାରିବ । ଏଠାରେ କହିବାର ଅର୍ଥ କେବଳ ଏତିକି ଯେ ଧ୍ୱଂସର ପରିସ୍ଥିତି ମଧ ପରମାତ୍ମାଙ୍କ ଇଚ୍ଛାରେ ନିର୍ମିତ ହୋଇଥାଏ, ଯଦ୍ୱାରା ସୃଜନର ପୃଷ୍ଠଭୂମି ପ୍ରସ୍ତୁତ ହୋଇ ପାରିବ ।

ଯଦି ମୂଳଦୁଆର ପଥର ଉପରେ ହାତୁଡ଼ି ପିଟା ନ ହେବ, ତେବେ ଅଟ୍ଟାଳିକା ଠିଆ ହେବ କିପରି ? ଯଦି ବୀଜ ଦ୍ରବିତ ହେବ ନାହିଁ, ଫାଟିବ ନାହିଁ, ତା ଭିତରର ଅଙ୍କୁର ବାହାରିବ ନାହିଁ, ତେବେ ବୃକ୍ଷ ଜନ୍ମ ନେବ କିପରି ? ଯଦି ମା' ପ୍ରସବ ପୀଡ଼ା ସହ୍ୟ ନ କରିବ ତେବେ ନୂତନ ଆତ୍ମାକୁ ଜୀବନ କିପରି ମିଳି ପାରିବ ? ଏହିପରି ପ୍ରକୃତି ମଧ ଆସୁରୀ ପ୍ରବୃତ୍ତିର ମନୁଷ୍ୟଙ୍କ ସାମର୍ଥ୍ୟର ଉପଯୋଗ ଜଗତ୍‌ର ଧ୍ୱଂସ ପାଇଁ କରିଥାଏ, ଯଦ୍ୱାରା ଧ୍ୱଂସ ପରେ ସୃଜନର ମନୋରମ ପରିସ୍ଥିତି ବିନିର୍ମିତ ହୋଇ ପାରିବ ।

# ଶକ୍ତି ସଂଚୟ ଏବଂ ତାହାର ସଦୁପଯୋଗ

ଜୀବନରେ ଶକ୍ତି ଓ ବଳର ମହତ୍ତ୍ୱ ସର୍ବବିଦିତ । ତେଣୁ ଶାସ୍ତ୍ରଗୁଡ଼ିକରେ କୁହାଯାଇଛି, 'ବଳମ୍ ଉପାସ୍ୟ' ଅର୍ଥାତ୍ ବଳର ଉପାସନା କର । ଜୀବନର ଯେକୌଣସି କ୍ଷେତ୍ର ହେଉ, ବଳବାନ୍‌କୁ ହିଁ ବିଜୟଶ୍ରୀ ପ୍ରାପ୍ତ ହୋଇଥାଏ, ତାହା ଭଲା ଭୌତିକ କ୍ଷେତ୍ର ହେଉ ଅଥବା ଆଧାତ୍ମିକ । ଭାରତୀୟ ସଂସ୍କୃତିରେ ଶକ୍ତିର ଉପାସନା ରୂପେ ଏକ ସମଗ୍ର ସଂପ୍ରଦାୟ ଏବଂ ସାଧନା ବିଧାନ ଠିଆ କରାଯାଇଛି, ନବଦୁର୍ଗା ରୂପରେ ଯାହାର ଭାବଭରା ଆବାହନ ଓ ସାଧନା-ଅନୁଷ୍ଠାନ ପ୍ରତ୍ୟେକ ସନାତନଧର୍ମୀ ନବରାତ୍ର ସମୟରେ କରିଥାଏ । ଦୈନିକ ଜୀବନରେ ଆମର ଶକ୍ତିର ହ୍ରାସ କେଉଁଠି ହେଉଛି ଯେ ଶକ୍ତି ଅର୍ଜନ ନିମନ୍ତେ ଏହା ଜାଣିବା ଆବଶ୍ୟକ । ଏହାର ପ୍ରାୟ ତିନୋଟି ପ୍ରମୁଖ କାରଣ ଦେଖିବାକୁ ମିଳେ । ସର୍ବପ୍ରଥମ ହେଉଛି ଅତ୍ୟଧିକ ଭୋଗ-ବିଳାସ, ଯଦ୍ୱାରା ଇନ୍ଦ୍ରିୟ ଅସଂଯମ କାରଣରୁ ଜୀବନଶକ୍ତି ଅତିଶୟ ମାତ୍ରାରେ କ୍ଷୟ ହୋଇଥାଏ । ଦ୍ୱିତୀୟ ହେଉଛି ଅତ୍ୟଧିକ ଧାଁ-ଦଉଡ଼ ଭରା ଚାପଗ୍ରସ୍ତ ଜୀବନ । ଏଥିରେ ମଧ ଜୀବନର ଶକ୍ତି ବହୁତ କ୍ଷୟ ହୋଇଥାଏ । ତୃତୀୟ ଶକ୍ତି ହ୍ରାସର କାରଣ ହେଉଛି ଅତ୍ୟଧିକ କହିବା । ବିନା ପ୍ରୟୋଜନରେ ଦିନ ତମାମ ଅତ୍ୟଧିକ କହିବା ଦ୍ୱାରା ବହୁତ ଊର୍ଜାଃ କ୍ଷୟ ହୋଇଥାଏ ।

ଏକ ସଂଯମିତ, ଅନୁଶାସିତ, ସନ୍ତୁଳିତ ଓ ଉଦ୍ଦେଶ୍ୟ ପୂର୍ଣ୍ଣ ଜୀବନଯାପନ କରି ଏହି ସ୍ଥିତିରୁ ମୁକୁଳି ହେବ । ଶକ୍ତି ଅର୍ଜନ ସହିତ ଏହାର ସଦୁପଯୋଗ ମଧ ମହତ୍ତ୍ୱପୂର୍ଣ୍ଣ ହୋଇଯାଏ । ଅନ୍ୟଥା ଶକ୍ତିର ଦୁରୁପଯୋଗ ବ୍ୟକ୍ତିର ଗରିମା ଏବଂ ଗୁରୁତ୍ୱକୁ ହ୍ରାସ କରିଦିଏ, ପ୍ରକାରାନ୍ତରରେ ପୁଣ୍ୟ କ୍ଷୀଣ ହେବା ଦ୍ୱାରା ବ୍ୟକ୍ତି ବଳହୀନ ହୋଇଯାଏ ଓ ତା'ର ପ୍ରଭାବ ମଧ ଊଣା ହୋଇଯାଏ । ଶକ୍ତିର ଦୁରୁପଯୋଗ ସହିତ ବ୍ୟକ୍ତିର ବିବେକ– ବୁଦ୍ଧି କୁଣ୍ଠିତ ହୋଇଯାଏ, ସତ୍-ଅସତ୍ ଭେଦର କ୍ଷମତା ଲୋପ ପାଇଯାଏ ତଥା ତାକୁ ନିଜ କର୍ତ୍ତବ୍ୟର ବୋଧ ହୋଇ ନ ଥାଏ ।

ଏପରି ମତୁଆଲା ପୂର୍ଣ୍ଣ ମନଃସ୍ଥିତିରେ ବ୍ୟକ୍ତି ଦ୍ୱାରା ଏଭଳି ସବୁ ନିଶ୍ଚୟ, କୁକୃତ୍ୟ ଏବଂ ବୀଭତ୍ସ କର୍ମ ହୋଇଯାଏ, ଯେଉଁଥିପାଇଁ ଜୀବନ ସାରା ପଶ୍ଚାତ୍ତାପର ଅଗ୍ନିରେ ଜଳିବାକୁ ପଡ଼ିଥାଏ । ଜ୍ଞାନ ଓ ତପରେ ରାବଣ କାହାଠାରୁ କିଛି କମ୍ ନ ଥିଲା, କିନ୍ତୁ ଶକ୍ତିର ଦୁରୁପଯୋଗ କାରଣରୁ ଆଜି ମଧ ତାକୁ ହେୟ ଦୃଷ୍ଟିରେ ଦେଖାଯାଉଛି ଏବଂ ମର୍ଯ୍ୟାଦ ପୁରୁଷୋତ୍ତମ ରାମଙ୍କୁ ଶକ୍ତିର ସଦୁପଯୋଗ କରିଥିବା ହେତୁ ପୂଜନୀୟ, ବନ୍ଦନୀୟ ଓ ଅନୁକରଣୀୟ ଆଦର୍ଶ ରୂପେ ପୂଜା କରାଯାଉଛି ।

ଶକ୍ତିର ଅନେକ ସ୍ୱରୂପ ହୋଇପାରେ, ଯାହାର ଅର୍ଜନ କରି ଜୀବନକୁ ସମୃଦ୍ଧ ଓ ସଶକ୍ତ କରାଯାଇପାରେ । ଶକ୍ତିର ସଦୁପଯୋଗ ପୂର୍ବରୁ ଶକ୍ତିର ଅର୍ଜନ କରିବାକୁ ପଡ଼ିଥାଏ । ଏଥିପାଇଁ ଜୀବନର ବିଭିନ୍ନ ସ୍ତରରେ ଶକ୍ତି ହ୍ରାସର ନାନାବିଧ ଛଳ–ଛିଦ୍ରଗୁଡ଼ିକୁ ଚିହ୍ନି, ସେଗୁଡ଼ିକୁ ବନ୍ଦ କରିବାକୁ ପଡ଼ିଥାଏ ଏବଂ ସେଗୁଡ଼ିକୁ ଦୃଢ଼ତା ପୂର୍ବକ ସାଧି ବଳକୁ ସଂଗୃହୀତ କରାଯାଏ । ସ୍ଥୁଳ ଶରୀରକୁ ବଳବାନ୍ କରିବା ପାଇଁ ନିତ୍ୟ କିଛି ସମୟ ସ୍ୱାସ୍ଥ୍ୟ ସମ୍ବର୍ଦ୍ଧନରେ ନିୟୋଜିତ କରିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ପୌଷ୍ଟିକ ଏବଂ ସାତ୍ତ୍ୱିକ ଆହାର ସହିତ ନିତ୍ୟ ବ୍ୟାୟାମ, ଯୋଗାସନ ଓ ଅନ୍ୟ ଶାରୀରିକ ଗତିବିଧଗୁଡ଼ିକୁ ଦିନଚର୍ଯ୍ୟାରେ ସାମିଲ କରାଯାଇପାରେ । ଏସବୁ ବ୍ୟକ୍ତିର ଆୟୁ, କ୍ଷମତା ଓ ଆବଶ୍ୟକତା ଅନୁରୂପ ନିର୍ଦ୍ଧାରଣ କରାଯିବା ଉଚିତ ।

ଇନ୍ଦ୍ରିୟ ସଂଯମ ଏହାର ମୁଖ୍ୟ ଆଧାର ହୋଇଥାଏ ଏବଂ ପୂରା ସଜାଗତା ପୂର୍ବକ ଏହାର ଅଭ୍ୟାସ କରିବାକୁ ପଡ଼ିଥାଏ । ଯେପରି ଭୌତିକ ଭବନକୁ ଅନ୍ୟ ରୂପରେ ବଦଳାଇବା ପାଇଁ ଉଚିତ ସମ୍ପତ୍ତିର ଆବଶ୍ୟକତା ରହିଛି, ସେହିପରି ଇଚ୍ଛିତ ରୂପରେ ନିଜର ଭାଗ୍ୟ ଭବନକୁ ବଦଳାଇବା ପାଇଁ ଶକ୍ତି ଓ ପୁଣ୍ୟ ରୂପୀ ସମ୍ପତ୍ତିର ଆବଶ୍ୟକତା ରହିଛି । ତପ ଦ୍ୱାରା ଶକ୍ତି ଓ ସେବା ଦ୍ୱାରା ପୁଣ୍ୟ ରୂପୀ ସମ୍ପତ୍ତି ପ୍ରାପ୍ତ ହୋଇଥାଏ । ଶକ୍ତିର ଦୁରୁପଯୋଗରୁ ଦୁର୍ଭାଗ୍ୟ ଏବଂ ସଦୁପଯୋଗରୁ ସୌଭାଗ୍ୟର ପ୍ରାପ୍ତି ହୋଇଥାଏ । ସାଂସାରିକ ସ୍ୱାର୍ଥକୁ ହିଁ ସିଦ୍ଧ କରିବା ଶକ୍ତିର ଦୁରୁପଯୋଗ, କିନ୍ତୁ ପରୋପକାର କରି ନିଜର ପରମାର୍ଥ ସିଦ୍ଧ କରିବା ହିଁ ଶକ୍ତିର ସଦୁପଯୋଗ ।

ସଂସାରରେ ଆସକ୍ତି ରଖୁବା ଶକ୍ତିର ଦୁରୁପଯୋଗ ଏବଂ ତ୍ୟାଗ ଦ୍ୱାରା ଜ୍ଞାନ ତଥା ଭକ୍ତିରେ ଅନୁରକ୍ତ ହେବା ଶକ୍ତିର ସଦୁପଯୋଗ । ଅହଂକାର ପୂର୍ବକ ନିଜ ଶକ୍ତି ଦ୍ୱାରା କାହାକୁ ପତିତ କରିଦେବା ଶକ୍ତିର ଦୁରୁପଯୋଗ ଏବଂ ପତିତକୁ ସରଳ ଭାବରେ ତତ୍ପରତା ପୂର୍ବକ ଉଠାଇବା ଶକ୍ତିର ସଦୁପଯୋଗ । ସଂଯମ ସାଧନା ଦ୍ୱାରା ଶକ୍ତିର ବିଚାର ମନରେ ଉଠିବା ପାଇଁ ଦେବ ସଂସ୍କୃତିରେ ବିଭିନ୍ନ ପ୍ରାବଧାନ ପ୍ରଚଳିତ । ଶକ୍ତିର ସମୁଚିତ ସଦୁପଯୋଗର ସିଦ୍ଧି ପାଇଁ ହିଁ ମନ୍ଦିରଗୁଡ଼ିକୁ, ତୀର୍ଥସ୍ଥଳ ଗୁଡ଼ିକୁ, ଶକ୍ତିପୀଠଗୁଡ଼ିକୁ, ବନ-ଉପବନଗୁଡ଼ିକୁ ସମୟାନୁସାର ଯିବାର ପ୍ରକ୍ରିୟା ଆମ ଦେଶରେ ଚାଲି ଆସୁଛି ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଆଜିର ଚିନ୍ତନ

ମନକୁ ଏକାଦଶ ଇନ୍ଦ୍ରିୟ କୁହାଯାଏ । ଏହାର ପାଞ୍ଚ ଅବସ୍ଥା ମୂଢ, କ୍ଷୀପ୍ର, ବିକ୍ଷିପ୍ତ, ଏକାଗ୍ର ଓ ନିରୁଦ୍ଧ ଅବସ୍ଥା । ମୂଢ ଅବସ୍ଥାରେ ମନ ଅତି ନୀଚ ଭାବନାଗ୍ରସ୍ତ ଥାଏ । କ୍ଷୀପ୍ର ଅବସ୍ଥାରେ ଅତି ଚଞ୍ଚଳ, ବିକ୍ଷିପ୍ତ ଅବସ୍ଥାରେ ମନ ଚଞ୍ଚଳ ଓ ସ୍ଥିର ଉଭୟ ମିଶ୍ରିତ ଅବସ୍ଥାରେ ଥାଏ । ଅଭ୍ୟାସ ଦ୍ୱାରା ମନରୁ ଏହି ତିନି ଅବସ୍ଥାକୁ ହଟାଇ ତାକୁ ଏକାଗ୍ର ଅବସ୍ଥାକୁ ଅଣାଯାଇ ପାରିବ । ଏଥିପାଇଁ ମନର ଚଞ୍ଚଳ ଅବସ୍ଥା ଉପରେ କଠୋର ଅନୁଶାସନ ପ୍ରୟୋଗ କରିବାକୁ ପଡିବ । ମନର ବେଗକୁ ଲଗାମ ଲଗାଇବା ନିମନ୍ତେ ଏହାକୁ କୌଣସି ଗୋଟିଏ ବିଷୟ ଉପରେ କେନ୍ଦ୍ରୀଭୂତ କରିବାକୁ ହୁଏ । ଅଷ୍ଟାଙ୍ଗ ଯୋଗର ଧାରଣା ଅଙ୍ଗରେ ଏହି ବିଷୟରେ ଉଲ୍ଲେଖ ଅଛି । ଏହି ଧାରଣାର ନିୟମାନୁଯାୟୀ ମନକୁ ନିଜର ଭ୍ରୂମଧ କିମ୍ବା ହୃଦୟ କମଳ ଉପରେ କେନ୍ଦ୍ରୀତ କରିବାକୁ ହୁଏ । ଏହାଦ୍ୱାରା ବାୟୁ ପରି ବେଗବାନ ମନ ସହଜରେ ଏକାଗ୍ର ଅବସ୍ଥାକୁ ଆସିଯାଏ । ମନ ଜଡ ଅଟେ । ଚେତନ ଆତ୍ମା ଦ୍ୱାରା ଏହା କ୍ରିୟାଶୀଳ ହୋଇଥାଏ । ତେଣୁ ମନକୁ ଆୟତ କରିବା ଚେତନ ଆତ୍ମା ପାଇଁ ସହଜ ଅଟେ । ଆମେ ମନକୁ ଚେତନ ବୋଲି ଭାବିବା ଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ମନେ ହେଉଛି । ଖୋଲା ପଡିଥିବା ବାରୁଦକୁ ଅଗ୍ନି ସଂଯୋଗ କଲେ ତାହା କେବଳ ଜଳିଯାଏ । ସେଥିରୁ କୌଣସି ଶକ୍ତି ଉତ୍ପନ ହୁଏନା । କିଛି ବାରୁଦକୁ ବନ୍ଧୁକରେ ଗୁଳି ସହ ଭର୍ତ୍ତି କରି ଫୁଟାଇଲେ ତାହା ଶବ୍ଦ ସୃଷ୍ଟି କରି ଲକ୍ଷ୍ୟସ୍ଥଳରେ ଗୁଳି ଭେଦ କରେ । ବିଛାଇ ହୋଇ ପଡିଥିବା ସୂର୍ଯ୍ୟକିରଣକୁ ଯବକାଚ ସାହାଯ୍ୟରେ ଗୋଟିଏ ବିନ୍ଦୁ ଆକାରକୁ ଅଣାଗଲେ ସେଥିରୁ ଅଗ୍ନି ଉତ୍ପନ ହୁଏ । ଏସବୁ ବିକ୍ଷିପ୍ତ ପଦାର୍ଥକୁ ଏକୀକରଣ କରିବାର ଚମତ୍କାର ଅଟେ । ସେହିପରି ଏଣେ ତେଣେ ଘୁରି ବୁଲୁଥିବା ବିକ୍ଷିପ୍ତ ମନକୁ ଏକତ୍ର ଏକାଗ୍ର କରିବା ଦ୍ୱାରା ଅନ୍ତର୍ଜଗତରେ ଲୁକ୍କାୟିତ ଶକ୍ତି ଓ ସାମର୍ଥ୍ୟ ସମୂହର ପରିପ୍ରକାଶ ହୁଏ । ସଦବୁଦ୍ଧିର ବିକାଶ ହୋଇ ଋତୁମ୍ଭରା ପ୍ରଜ୍ଞାରେ ପରିଣତ ହୁଏ । ଏକାଗ୍ରତା ଦ୍ୱାରା ସ୍ମୃତି ଶକ୍ତି ପ୍ରଖର ହୁଏ । ଏକାଗ୍ରତା ଯୋଗୁଁ ଧ୍ୟାନ, ପ୍ରାର୍ଥନା ଓ ଉପାସନାରେ ସଫଳତା ମିଳେ । ମନର ଏକାଗ୍ରତା ସମସ୍ତ ସଫଳତାର ଚାବିକାଠି ।

ଶ୍ରୀକ୍ଷେତ୍ର
ବର୍ଷ ୨୭, ସଂଖ୍ୟା- ୭, ୧୨ - ୧୮ ଫେବୃଆରୀ ୨୦୨୩

# ନିଶା ରାକ୍ଷସର ଅନ୍ତ କେବେ ?

**ଆମ** ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ମଧ୍ୟରେ ନିଶା ନିବାରଣ ଥିଲା ଅନ୍ୟତମ । ସେତେବେଳେ ମଦ ଦୋକାନ ଆଗରେ ବହୁ ସଂଖ୍ୟକ ମହିଳା ଓ ବାନରସେନା ସାଜିଥିବା ଶିଶୁମାନେ ପିକେଟିଂ କରି ମାଡ ଖାଉଥିଲେ, ଜେଲ୍ ଯାଉଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଆମ ସମ୍ବିଧାନର ମାର୍ଗ ନିର୍ଦ୍ଦେଶିକାରେ କେବଳ ନିଶା ନିବାରଣ କଥା ଲେଖିଦେଇ ସରକାର ନିଶା ପ୍ରସାରଣରେ ମାତି ଆସୁଛନ୍ତି । ଅବଶ୍ୟ ଏ ପ୍ରସଙ୍ଗରେ କେନ୍ଦ୍ର ସରକାର ଜଷ୍ଟିସ୍ ଟେକ୍‌ଚାନ୍ଦ କମିଟି ଓ ଶ୍ରୀମନ୍ ନାରାୟଣ କମିଟି ଏବଂ ଓଡ଼ିଶା ସରକାର ପ୍ରାଣକୃଷ୍ଣ ପରିଜା କମିଟି ବସାଇ କେବଳ ରିପୋର୍ଟକୁ ଅମଲାତନ୍ତ୍ରର ଅଳିଆ ଗଦାରେ ପକାଇଛନ୍ତି । ଓଡ଼ିଶାରେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶା ନିଶା ନିବାରଣ ଆଇନ ୧୯୫୬ ରାଷ୍ଟ୍ରପତିଙ୍କ ସ୍ୱୀକୃତିକ୍ରମେ ପ୍ରସ୍ତୁତ ହୋଇଥିବା ବେଳେ ଏହା ଲାଗୁ କରିବା ପାଇଁ ପ୍ରାୟ ୬୭ ବର୍ଷ ଧରି ଗେଜେଟ୍ ବିଜ୍ଞପ୍ତିଟିଏ ପ୍ରକାଶ ପାଇପାରୁ ନ ଥିବାରୁ ଆଇନଟି କୋମାରେ ରହିଛି । ବିହାର-ଓଡ଼ିଶା ଅବକାରୀ ଆଇନ-୧୯୧୫ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶା ନିବାରଣ ଥିବାବେଳେ ଓଡ଼ିଶା ଅବକାରୀ ଆଇନ-୨୦୦୮ର ୯୩ଧାରାରେ ନିଶା ନିବାରଣକୁ କାର୍ଯ୍ୟକାରୀ କରିବା ଓ ନିଶା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି । ନିଶା ଜନିତ କ୍ଷୟକ୍ଷତିର ଗମ୍ଭୀରତାକୁ ଉପଲବ୍ଧି କରି ଓଡ଼ିଶା ସରକାର ୨୦୧୩ ମସିହାରେ ପ୍ରଣୟନ କରିଥିବା ରାଜ୍ୟ ଯୁବନୀତିର ନବମ ଅନୁଚ୍ଛେଦରେ ଉଦ୍‌ବେଗ ପ୍ରକାଶ କରି ନିଶା ସଙ୍କୋଚନ ଲାଗି ବିଭିନ୍ନ ପଦକ୍ଷେପ ନେବା ସହିତ ଗ୍ରାମଗୁଡିକୁ ଆଲ୍‌କହଲ୍ ମୁକ୍ତ କରିବା ଲାଗି ଘୋଷଣା କରିଥିଲେ । କିନ୍ତୁ ୧୦ବର୍ଷ ମଧ୍ୟରେ ଆଲ୍‌କହଲ୍ ମୁକ୍ତ ହେବା ପରିବର୍ତ୍ତେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆଲ୍‌କହଲ୍‌ର ସ୍ରୋତ ଛୁଟୁଛି । ଓଡିଶା ସରକାରୀ କର୍ମଚାରୀ ଆଚରଣବିଧିର ୨୪ (କ) ଧାରାର ଖୋଲା ଉଲ୍ଲଂଘନ କରି କେତେକ ସରକାରୀ କର୍ମଚାରୀ ବି ନିଶା ସେବନରେ ବ୍ୟସ୍ତ । ସମସ୍ତ ପ୍ରକାରର ଦୁଷ୍କୃତି ଓ ଅପରାଧର ଜନନୀ ବୋଲି କୁହାଯାଉଥିବା ମଦ ଓ ଅନ୍ୟାନ୍ୟ ନିଶାକୁ ନିୟନ୍ତ୍ରଣ ନ କରି ସତେ ଯେମିତି ଆମ ବ୍ୟବସ୍ଥା ଅପରାଧୀମାନଙ୍କ ନିକଟରେ ଆତ୍ମସମର୍ପଣ କରି ସାଧାରଣ ଲୋକଙ୍କ ଧନଜୀବନକୁ ଜୁଆରେ ଲଗାଇ ଦେଉଛି ।

ଆମ ଦେଶରେ ନିଶା କାରବାର ହୁ ହୁ ହୋଇ ବଢୁଛି । ଏଥିଘେନି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବାରମ୍ବାର ଉଦ୍‌ବେଗ ପ୍ରକାଶ କରି ଧର୍ମକୁ ଆଖିଠାର ମାରିବା ଭଳି ନିଶା ନିବାରଣ ସଚେତନତା ଓ ଥଇଥାନ କେନ୍ଦ୍ର ଆଳରେ କୋଟି କୋଟି ଟଙ୍କା ବରବାଦ କରୁଛନ୍ତି । ଏଥିରୁ ବିଶେଷ ଫଳ ମିଳୁ ନ ଥିବାବେଳେ ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ଜୀବନ ଦିନକୁ ଦିନ ଦୁର୍ବିସହ ହୋଇପଡୁଛି । ମାମଲା ଓ ଅପରାଧ, ଦୁର୍ଘଟଣା, ଦାରିଦ୍ର୍ୟ, ରୋଗ, ଶୋକ, ଅନଗ୍ରସରତା, ବେକାରୀ, ବେରୋଜଗାରୀ, ଉତ୍ପାଦନ ହ୍ରାସ, ଆତ୍ମହତ୍ୟା, ବିଶୃଙ୍ଖଳା, ଆଳସ୍ୟ, ଅନୈତିକତା, ମହିଳା ଓ ଶିଶୁ ଅତ୍ୟାଚାର ବୃଦ୍ଧିର ଅନ୍ୟତମ କାରଣ ନିଶା ହୋଇଥିବା ବେଳେ ଏହି ମୂଳ ସମସ୍ୟାର ନିପାତ କେବଳ ନିଶା ନିବାରଣ ଦ୍ୱାରା ସମ୍ଭବପର ।

ନିର୍ବାଚନୀ ରାଜନୀତିରେ ଲୋକଙ୍କୁ ଭୁତାଇ ଭୋଟ ସଂଗ୍ରହ କ୍ଷେତ୍ରରେ ମଦ ଓ କଳାଟଙ୍କାର ପ୍ରାବଲ୍ୟ ବଢି ବଢି ଚାଲିଛି ।

ନିଶା ପାଇଁ ବ୍ୟକ୍ତି ବିଗୁଡୁଥିବା ବେଳେ ପରିବାର ଉଚ୍ଛନ୍ନ ହେଉଛି ଏବଂ ସମାଜ ତଳିତଳାନ୍ତ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ର ଜୀବନ ବିପନ୍ନ ହେଉଛି । ଏହା ସତ୍ତ୍ୱେ ନିଶା ରାକ୍ଷସକୁ ନିପାତ କରିବା ପାଇଁ ଆମର ବ୍ୟୟବହୁଳ ଗଣତାନ୍ତ୍ରିକ ବ୍ୟବସ୍ଥା ଭୟ କରୁଛି କାହିଁକି ?

କେତେକ ଯୁକ୍ତି କରନ୍ତି ଯେ ନିଶାରୁ ସରକାର କୁଆଡେ ପ୍ରଚୁର ରାଜସ୍ୱ ସଂଗ୍ରହ କରୁଛନ୍ତି, ନିଶାଡିଙ୍କ ଚାହିଦା ମେଣ୍ଟାଇବାକୁ ସରକାର ମଦ ଯୋଗାଉଛନ୍ତି ଏବଂ ମଦ ବନ୍ଦ ହୋଇଗଲେ ରାଜସ୍ୱ ହାନି ଘଟି ସରକାର ଚଳାଇବା ଅସମ୍ଭବ ହୋଇପଡ଼ିବ । ନିଶା ପ୍ରତି ଏଭଳି ଉଦାର ମନୋଭାବ ଯୋଗୁଁ ଏବେ ଲାଇସେନ୍ସପ୍ରାପ୍ତ ଓ ଚୋରା ମଦ ସହିତ ଗଞ୍ଜେଇ, ବ୍ରାଉନ୍‌ସୁଗର, ହେରୋଇନ୍, ଚରସ୍, କୋକେନ୍, ବିଡି, ସିଗାରେଟ୍, ଗୁଟ୍‌ଖା, ତମାଖୁ ଆଦି ନିଶା ସାମଗ୍ରୀର ପ୍ରସାର ବଢି ଚାଲିଛି । ପ୍ରତିଦିନ ବି ଚୋରା ନିଶା ଜବତ ହେବା ସଂକ୍ରାନ୍ତରେ ଖବର ପ୍ରକାଶ ପାଉଛି । ତେବେ ଅବକାରୀ ଓ ଅନ୍ୟାନ୍ୟ ଅପରାଧିକ ମାମଲାରେ ଫଇସଲା ଓ ଦଣ୍ଡବିଧାନ ହାର ଢେର୍ କମ୍ ରହୁଛି । ନିଶା ବେପାରୀ ଓ ଅପରାଧୀଙ୍କ ସାମ୍ରାଜ୍ୟ ଏତେ ବ୍ୟାପିଛି ଯେ ଅଧିକାଂଶ ସମୟରେ ଜେଲରେ ଚଢଉ ବେଳେ ସେଠାରୁ ପ୍ରଚୁର ନିଶା ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହେଉଛି । ଏ କଥା ସତ୍ୟ ଯେ ୧୯୯୦ ମସିହା ବେଳକୁ ଓଡିଶାର ଅବକାରୀ ରାଜସ୍ୱ ପରିମାଣ ବାର୍ଷିକ ପ୍ରାୟ ୩୫କୋଟି ଥିବାବେଳେ ୨୦୦୧ ବର୍ଷ ବେଳକୁ ଏହାର ପରିମାଣ ୧୩୫,୩୫କୋଟି, ୨୦୧୦-୧୧ ବେଳକୁ ୧୦୯୪.୩୮ କୋଟି ଓ ୨୦୨୧-୨୨ ବର୍ଷରେ ୫୫୨୮, ୪୧କୋଟି ଟଙ୍କା ଥିଲା । ଚଳିତ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ୨ଲକ୍ଷ ୨୦ହଜାର କୋଟି ଟଙ୍କା ଥିବାବେଳେ ଏ ବର୍ଷ ଅବକାରୀରୁ ଓଡ଼ିଶା ସରକାର ୬୪୯୬ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖୁଛନ୍ତି । ଗୁଟ୍‌ଖା ଓ ଅନ୍ୟ ତମାଖୁଜାତ ପଦାର୍ଥର ଉତ୍ପାଦନ, ବିପଣନ ଓ ସେବନ ନିଷିଦ୍ଧ ଥିଲେ ବି ସାରା ରାଜ୍ୟରେ ଏହା ଖୋଲାଖୋଲି ଭାବେ ଚାଲୁଛି । କୋଟ୍ ଆଇନକୁ ଆଖି ମିଟିକା ମାରି ଶିକ୍ଷାନୁଷ୍ଠାନ ନିକଟରେ ଓ ଭିତରେ ବି ଅନେକ ସ୍ଥଳରେ ନିଶା କାରବାର ହେଉଛି । ବିପଜ୍ଜନକ କାଠ ପଲିସ୍ ସ୍ପିରିଟ୍, କଫ ସିରପ୍, ଅଠା, ନିଦ ବଟିକା ଆଦିକୁ ବି ବିକଳ୍ପ ଭାବେ ନିଶାଡିମାନେ ବ୍ୟବହାର କରୁଛନ୍ତି । ଆମ କଷ୍ଟଲବ୍ଧ ସ୍ୱାଧୀନତା ପ୍ରତି ନିଶା ଭୟଙ୍କର ବିପଦ ହୋଇଥିବାରୁ ବିକାଶ ବାଧାପ୍ରାପ୍ତ ହେବା ସହିତ ନିଶାଜନିତ ନିର୍ଯାତନା ଓ ଅପରାଧ ଏବଂ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ପଲ୍ଲୀରୁ ଦିଲ୍ଲୀ ଯାଏ ଅବସ୍ଥା ଅସମ୍ଭାଳ । ଏଭଳି ସ୍ଥିତିରେ ନିଶା ରାକ୍ଷସକୁ ନିପାତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସମ୍ମିଳିତ ଓ ସକାରାତ୍ମକ ପଦକ୍ଷେପ ନନେଲେ ଅବସ୍ଥା ଯେ ଆହୁରି ଅଧିକ ବିଗିଡିବ ଏଥିରେ ସନ୍ଦେହ ନାହିଁ ।

# ଓକିଲର କର୍ତ୍ତବ୍ୟ

**ମହାତ୍ମା ଗାନ୍ଧୀ**



ଶ୍ରୀଯୁକ୍ତ ରସ୍କିନ୍ ତାଙ୍କର Unto this Last ପୁସ୍ତକରେ ଯେଉଁ ଦୃଷ୍ଟାନ୍ତଟି ଦେଇଛନ୍ତି, ତୁମେ ମଧ୍ୟ ତାହାକୁ ଅନୁସରଣ କରି ପାରିବ । ସିଏ ପ୍ରଶ୍ନ କରିଛନ୍ତି, ''ଜଣେ ଓକିଲ ତା' କାମ ସକାଶେ କାହିଁକି ପନ୍ଦର ପାଉଣ୍ଡ ନେବ, ଯେତେବେଳେ କି, ଉଦାହରଣ ସ୍ୱରୂପ, ଜଣେ ବଢ଼େଇ ତା'ର କାମ ସକାଶେ ମାତ୍ର ପନ୍ଦର ଶିଲିଂ ହିଁ କ୍ୱଚିତ୍ ପାଉଥିବ ?' ଓକିଲମାନେ ସର୍ବତ୍ର ଯେଉଁ ମୂଳ ଦାବି କରନ୍ତି, ତାହା ପ୍ରକୃତରେ ଅତ୍ୟଧିକ । ଇଂଲଣ୍ଡରେ, ଦକ୍ଷିଣ ଆଫ୍ରିକାରେ ଓ ପ୍ରାୟ ସବୁଠାରେ ମୁଁ ଦେଖିବାକୁ ପାଉଛି ଯେ, ନିଜର ବ୍ୟବସାୟ-କ୍ଷେତ୍ରରେ ଓକିଲମାନେ ଆପଣାର ମହକିଲମାନଙ୍କ ପାଇଁ ସଚେତନ ବା ଅଚେତନ ଭାବରେ ଅସତ୍ୟ ଭିତରକୁ ଟାଣିହୋଇ ଯାଆନ୍ତି । ଜଣେ ବିଖ୍ୟାତ ଓକିଲ ତ ଏପରି ମଧ୍ୟ କହିଛନ୍ତି ଯେ, ନିଜ ମହକିଲ ପ୍ରକୃତରେ ଦୋଷୀ ବୋଲି ଖୁବ୍ ଭଲକରି ଜାଣିଥିଲେ ମଧ୍ୟ ତାହାର ପକ୍ଷ ରକ୍ଷା କରିବା ହୁଏତ ଜଣେ ଓକିଲର କର୍ତ୍ତବ୍ୟ ହୋଇପାରେ । ଏହି କଥାରେ ମୁଁ ଆଦୌ ରାଜି ହେବିନାହିଁ । ଦୋଷୀ ବ୍ୟକ୍ତିକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବା ନୁହେଁ, ମାତ୍ର ପ୍ରକୃତ ତଥ୍ୟଗୁଡ଼ିକୁ ବିଚାରପତିମାନଙ୍କ ଆଗରେ ଉପସ୍ଥାପିତ କରି ସେମାନଙ୍କୁ ସତ୍ୟରେ ଉପନୀତ ହେବାଲାଗି ସାହାଯ୍ୟ କରିବା ହେଉଛି ଓକିଲର କର୍ତ୍ତବ୍ୟ ।

ମୁଁ ବିଶ୍ୱାସ କରେ ଯେ, ଆପଣା ମତଟିର କେବଳ ପ୍ରତିଜ୍ଞାପନ କରିବା ଏବଂ ସାମୂହିକ ମତଟିକୁ ମାନିନେବା ଯେ କେବଳ ଯଥେଷ୍ଟ ହେବନାହିଁ ତା' ନୁହେଁ, ମାତ୍ର, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବ୍ୟାପାରମାନଙ୍କରେ, ଯଦି କୌଣସି କଥା ସେମାନଙ୍କର ବିବେକ ଲାଗି ଗ୍ରହଣୀୟ ହେଉ ନ ଥାଏ, ତେବେ ନେତାମାନଙ୍କୁ ସମୂହମତର ବିପରୀତ ଦିଗରେ ମଧ୍ୟ କାର୍ଯ୍ୟ କରିବାକୁ ପଡ଼ିବ । ଜଣେ ଭୀରୁ ଏବଂ ସଂଶୟଗ୍ରସ୍ତ ଓକିଲ ଅପେକ୍ଷା ଜଣେ ସାହସୀ ତଥା ଧର୍ମରେ ବିଶ୍ୱାସୀ ତନ୍ତୀ ବା ମୋଚି ମଧ୍ୟ ଅଧିକ ଫଳପ୍ରସୂ ଭାବରେ ଆମ ସଂଗ୍ରାମରେ ନେତୃତ୍ୱ ନେଇ ପାରିବ, ମୁଁ ଏକଥା ଅତ୍ୟନ୍ତ ସୁନିଶ୍ଚିତଭାବରେ କଳ୍ପନା କରିପାରୁଛି । ସଫଳତା ସାହସ, ତ୍ୟାଗ, ସତ୍ୟ, ପ୍ରେମ ଓ ବିଶ୍ୱାସ ଉପରେ ନିର୍ଭର କରେ; ଆଇନ୍ ବିଷୟରେ ପ୍ରବୀଣତା ଉପରେ, ହିସାବବୁଦ୍ଧି, କୂଟନୀତି, ଘୃଣା ବା ଅବିଶ୍ୱାସ ଉପରେ ଆଦୌ ନିର୍ଭର କରେନାହିଁ । ସମାନ ସମାନ ମନୁଷ୍ୟଙ୍କ ଭିତରେ ଜଣେ ନେତା ହେଉଛି କେବଳ ସର୍ବପ୍ରଥମ ବ୍ୟକ୍ତି । କେହି ଜଣେ ତ ଯେମିତି ହେଲେ ସର୍ବପ୍ରଥମେ ରହିଥିବ; ମାତ୍ର ସିଏ ସମସ୍ତ ଶୃଙ୍ଖଳାଟିରେ ସବୁଠାରୁ ଦୁର୍ବଳ କଡ଼ିଟିଠାରୁ କଦାପି ଅଧିକ ବଳବାନ୍ ହୋଇ ନଥିବ, ହେବା ଉଚିତ ମଧ୍ୟ ନୁହେଁ । ଜଣକୁ ନେତାରୂପେ ବାଛିବା ପରେ ତା'ର ନିର୍ଦ୍ଦେଶଗୁଡ଼ିକୁ ମାନିବାକୁ ପଡ଼ିବ; ନଚେତ୍ କଡ଼ିଟି ଛିଡ଼ିଯିବ ଓ ସବୁକିଛି ନଷ୍ଟ ହୋଇଯିବ ।

ଜଣେ ନେତାର ଚାରିପାଖରେ ରହିଥିବା ବ୍ୟକ୍ତିମାନଙ୍କର ଯାବତୀୟ ପ୍ରକାରର ମତ ରହିଥିବ ସତ, ମାତ୍ର ଜଣେ ନେତା ଯଦି ନିଜ ବିବେକର ଆବେଦନ ଅନୁସାରେ କାର୍ଯ୍ୟ ନ କରେ, ତେବେ ସିଏ ଆଦୌ କୌଣସି କାମର ହେବନାହିଁ । ତାକୁ ଦୃଢ଼ କରି ରଖି ନିର୍ଦ୍ଦେଶନା ଦେବା ଲାଗି ଜଣେ ନେତା ଭିତରୁ ଯଦି କୌଣସି ଅନ୍ତର୍ବାଣୀ କିଛି କହୁ ନଥାଏ, ତେବେ ସିଏ ଲଙ୍ଗର ନଥିବା ଗୋଟିଏ ଜାହାଜ ପରି କେବଳ ଏପାଖ ସେପାଖ ହେବାରେ ଲାଗିଥିବ ।

ଜଣେ ନେତା ତା' ପଛରେ ଯାଉଥିବା ବ୍ୟକ୍ତିମାନଙ୍କ ଦ୍ୱାରା ହିଁ ତିଆରି ହୁଏ । ଜନଗଣଙ୍କ ମଧ୍ୟରେ ଯେଉଁସବୁ ଆକାଂକ୍ଷା ସୁପ୍ତ ହୋଇ ରହିଥାଏ, ନେତା ତାହାକୁ ହିଁ ଏକ ସ୍ପଷ୍ଟତର ରୀତିରେ ପ୍ରତିଫଳିତ କରୁଥାଏ ।

'ଉପାୟ ମାନେ କେବଳ ଉପାୟ ମାତ୍ର' ବୋଲି ଲୋକେ କହିଥାନ୍ତି । ମୁଁ କହିବି, 'ଉପାୟଗୁଡ଼ିକ ହେଉଛନ୍ତି ସବୁକିଛି ।' ଉପାୟ ଯେମିତି, ସେହି ଅନୁସାରେ ଲକ୍ଷ୍ୟ ମଧ୍ୟ ସେମିତି । ସହିଂସ ଉପାୟ ଆମକୁ ସହିଂସ ସ୍ୱରାଜ୍ୟ ଆଣି ଦେଇପାରିବ । ତାହା ପୃଥିବୀ ପାଇଁ କାଳ ହେବ, ସ୍ୱୟଂ ଭାରତବର୍ଷ ପାଇଁ ମଧ୍ୟ କାଳ ହୋଇ ରହିବ ।...ଉପାୟ ଏବଂ ଲକ୍ଷ୍ୟ ମଝିରେ ଆଦୌ କୌଣସି ବିଭେଦକାରୀ ପ୍ରାଚୀର ନାହିଁ । ବସ୍ତୁତଃ, ପରମ ସୃଷ୍ଟିକର୍ତ୍ତା ଆମକୁ କେବଳ ଉପାୟଗୁଡ଼ିକ ଉପରେ ହିଁ ନିୟନ୍ତ୍ରଣ ରଖିବାର ଶକ୍ତି ଦେଇଛନ୍ତି (ତାହା ମଧ୍ୟ ଅତ୍ୟନ୍ତ ସୀମିତ ପରିମାଣରେ) । ମାତ୍ର ଲକ୍ଷ୍ୟ ଉପରେ କୌଣସି ନିୟନ୍ତ୍ରଣଶକ୍ତି ଦେଇ ନାହାନ୍ତି । ଉପାୟଗୁଡ଼ିକୁ ଆମେ ଯେତିକି ପରିମାଣରେ ଉପଲବ୍ଧି କରି ପାରିବା, ଲକ୍ଷ୍ୟଟି ମଧ୍ୟ ଠିକ୍ ସେହି ଅନୁପାତରେ ଉପଲବ୍ଧ ହୋଇ ପାରିବ । ଏହି ରୀତିଟିରେ ଆଦୌ କୌଣସି ବ୍ୟତିକ୍ରମ କଦାପି ସ୍ଥାନ ପାଇବ ନାହିଁ । ମୋ'ର ଏହିଭଳି ବିଶ୍ୱାସ ରହିଥିବାରୁ, ଦେଶକୁ କେବଳ ସମ୍ପୂର୍ଣ୍ଣଭାବରେ ଶାନ୍ତିପୂର୍ଣ୍ଣ ଏବଂ ନ୍ୟାୟସଙ୍ଗତ ମାର୍ଗରେ ପରିଚାଳିତ କରି ନେବାପାଇଁ ମୁଁ ଉଦ୍ୟମ କରିଆସୁଛି ।

ମୋ'ର ଜୀବନ ଦର୍ଶନରେ ଉପାୟ ଏବଂ ଲକ୍ଷ୍ୟ ଦୁଇଟି ସଂପରିବର୍ତ୍ତନୀୟ ଶବ୍ଦ ।

ମୁଁ ପାଶ୍ଚାତ୍ୟ ଔଷଧଶାସ୍ତ୍ର ବିରୋଧରେ ସର୍ବଦା ମତ ଦେଇ ଆସିଛି, ତାହାକୁ ମୁଁ ଏକ ବଶୀକରଣ ବିଦ୍ୟାର ନିର୍ଯ୍ୟାସ ବୋଲି କହିଛି । ମୋ' ଅହିଂସାରୁ ହିଁ ମୋ'ର ଏହି ମତଟି ନିଷ୍ପନ୍ନ ହୋଇ ଆସିଛି, କାରଣ, ମୋ'ର ଆତ୍ମା ଜୀବ-ବ୍ୟବଚ୍ଛେଦ ବିରୋଧରେ ବିଦ୍ରୋହ କରିଉଠୁଛି ।.. ମୁଁ ଭାବିଲି, ମୁଁ ନିଜ ଉପରେ ଯେଉଁ ନୃଶଂସତା କେବେହେଲେ କରିବି ନାହିଁ, ନିମ୍ନତର ପ୍ରାଣୀମାନଙ୍କ ଉପରେ ସେହି ନୃଶଂସତାର ଆଚରଣ କାହିଁକି କରିବାକୁ ଯିବି ?

ମାତ୍ର ଔଷଧଦ୍ୱାରା ଚିକିତ୍ସା ପ୍ରତି ମୋ'ର କୌଣସି ଘୃଣାଭାବ ନାହିଁ । ନିରାପଦ ମାତୃତ୍ୱ ଏବଂ ଶିଶୁର ଯତ୍ନ ବିଷୟରେ ଆମର ପାଶ୍ଚାତ୍ୟ ଜଗତଠାରୁ ବହୁତ କିଛି ଶିଖିବାକୁ ଯେ ରହିଛି, ସେକଥା ମୋତେ ଜଣା ଅଛି । ଆମ ପିଲାମାନେ ତ ଯେକୌଣସି ଉପାୟରେ ଜନ୍ମ ହେଉଛନ୍ତି ଓ ଆମର ଅଧିକାଂଶ ଜନନୀ ଶିଶୁପାଳନର ବିଜ୍ଞାନ ବିଷୟରେ କିଛି ଜାଣି ନାହାନ୍ତି । ଏହି କ୍ଷେତ୍ରରେ ଆମେ ପାଶ୍ଚାତ୍ୟଠାରୁ ବହୁତ କିଛି ଶିକ୍ଷା କରିପାରିବା । ମାତ୍ର, ମନୁଷ୍ୟର ଏହି ପାର୍ଥିବ ଅସ୍ତିତ୍ୱଟାକୁ ଅଧିକ ଦିନ ବଞ୍ଚାଇ ରଖିବା ଉପରେ ପାଶ୍ଚାତ୍ୟ ଜଗତ ଅତ୍ୟନ୍ତ ଅତି ରଞ୍ଜିତ ଭାବରେ ମହତ୍ତ୍ୱ ଆରୋପ କରିଥାଏ । ମନୁଷ୍ୟର ଇହଜୀବନରେ ତା'ର ଶେଷ ନିଃଶ୍ୱାସଟି ପର୍ଯ୍ୟନ୍ତ ତୁମେ ଇଞ୍ଜେକ୍‌ସନ୍ ଦେଇ ତା' ଭିତରେ ଔଷଧ ଭର୍ତ୍ତି କରିବାରେ ଲାଗିଥାଅ । ମୁଁ ଭାବୁଛି, ଯେଉଁ ଦୁଃସାହସ ସହିତ ସେମାନେ ଯୁଦ୍ଧରେ ନିଜର ଜୀବନପାତ କରିବେ, ସେଇଟି ସହିତ ଏହାର ଆଦୌ କୌଣସି ସଙ୍ଗତି ନାହିଁ ।

# ବହୁରୋଗ ଲାଗି ବରଦାନ ତେଜପତ୍ର

**ତେଜପତ୍ର** କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବରଦାନ ସଦୃଶ । ଖାଦ୍ୟପେୟରେ ସାଧାରଣତଃ ମସଲା ଭାବରେ ଉପଯୋଗ କରାଯାଉଥିବା ତେଜପତ୍ର ବିଭିନ୍ନ ପ୍ରକାର ରୋଗରୁ ସୁରକ୍ଷା ଦେଇଥାଏ ।

ଭିଟାମିନ୍ ଏ ଓ ସି ମିଳିଥାଏ: ତେଜପତ୍ର ଖାଇବା ଦ୍ୱାରା ବହୁ ସ୍ୱାସ୍ଥ୍ୟ ଲାଭ ହୋଇଥାଏ । ଏଥିରେ ଭିଟାମିନ୍ ଏ ଓ ସି ସହିତ ଫୋଲିକ୍ ଏସିଡ ମଧ୍ୟ ରହିଛି । ଯଦି ଆପଣଙ୍କର ପେଟ ସମସ୍ୟା ରହିଛି ତେବେ ତେଜପତ୍ର ଆପଣଙ୍କ ପାଇଁ ବହୁତ ଲାଭଦାୟକ ହେବ । ଆପଣ ଏହାକୁ ପ୍ରତ୍ୟେହ ମସଲା ରୂପରେ ବ୍ୟବହାର କରନ୍ତୁ ।

ଅବସାଦ ଦୂର ହୋଇଥାଏ: ତେଜପତ୍ର ଖାଇବା ଦ୍ୱାରା ଅବସାଦ ଦୂର ହୋଇଥାଏ । ଏହା ଡାଇବେଟିସ୍ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ । ଯେଉଁମାନେ ଟାଇପ୍ ୨ ଡାଇବେଟିସ୍ ରୋଗରେ ପୀଡିତ ସେମାନେ ତେଜପତ୍ର ନିୟମିତ ଖାଦ୍ୟରେ ସେବନ କରିବା ଉଚିତ । ଏହା ଖାଇବା ଦ୍ୱାରା ଶରୀରରେ ଗ୍ଲୁକୋଜ ସ୍ତର କମିଯିବ ଓ କୋଲେଷ୍ଟରଲ ମଧ୍ୟ ହ୍ରାସ ଘଟିବ ।



କୋଷ୍ଠକାଠିନ୍ୟ ସମସ୍ୟା: ଆପଣଙ୍କର କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ସମସ୍ୟା ଥିଲେ ତେଜପତ୍ର ଖାଆନ୍ତୁ । କିଛି ଦିନ ମଧ୍ୟରେ ଏହି ସମସ୍ୟା ଲାଘବ ହେବା ଅନୁଭବ କରିବେ । ଏକ ମସଲା ଭାବରେ ତେଜପତ୍ର ସ୍ୱାସ୍ଥ୍ୟ ପାଇଁ ସବୁ ଦୃଷ୍ଟିରୁ ଲାଭଦାୟକ । ପେଟରେ କୃମି ହୋଇଥିଲେ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାଥିଲେ ଏହା ଔଷଧ ପରି କାମ କରିଥାଏ ।

## ସ୍ୱର୍ବେଦ

**ମାନଓ୍ୱ ଜୀଓ୍ୱନ ଲକ୍ଷ୍ୟ ହୈ, ଅରୁ**
**କରତବ୍ୟ ପ୍ରଧାନ ।**
**ପରମାତମା ପ୍ରଭୁ ମିଲତ ମୈଁ,**
**ଅନ୍ୟ ଗୌଡ଼ ସବ ଜାନ ।।୧୩।।**

ଭାଷ୍ୟ - ମହାପ୍ରଭୁଙ୍କୁ ପ୍ରାପ୍ତି କରିବା ମାନବ ଜୀବନର ଲକ୍ଷ୍ୟ ଏବଂ ପ୍ରମୁଖ କର୍ତ୍ତବ୍ୟ ଅଟେ । ଅନ୍ୟ ସମସ୍ତ କର୍ତ୍ତବ୍ୟ ଗୌଣ ଅଟେ ।

**ପରମେଶ୍ୱର ଅରୁ ଭେଷ ସେ,**
**କୁଛ ନହିଁ ଓ୍ୱନତ ସମ୍ବନ୍ଧ ।**
**ସଦ୍‌ଗୁରୁ ଭେଷ ନ ମାନହୀଁ,**
**ଭେଷ ଜଗତ ଭ୍ରମ ଅନ୍ଧ ।।୧୪।।**

ଭାଷ୍ୟ - ବାହ୍ୟ ବେଶଭୂଷା କିମ୍ବା ପରିପାଟୀ ସହିତ ପରମାତ୍ମାଙ୍କର କୌଣସି ସମ୍ବନ୍ଧ ନ ଥାଏ । ସେଥିପାଇଁ ସଦ୍‌ଗୁରୁ କୌଣସି ବେଶ କିମ୍ବା ଆଭୂଷଣର କୌଣସି ଆବଶ୍ୟକତା କରନ୍ତି ନାହିଁ । ବେଶଭୂଷା ସଂସାରର ଭ୍ରମ ଏବଂ ଅନ୍ଧକାର ଅଟେ ।

**ମଦ୍ୟ ମାଂସ ମୈଥୁନ ମନଟ,**
**ମନମୁଖୀ ମଦନ ମକାର ।**
**ମଦୀ ମଦାନ୍ଧୀ ମନସୁଆ, ଭକ୍ତି**
**ନହୀଁ ଅଧିକାର ।।୧୫।।**

ଭାଷ୍ୟ - (ମଦ୍ୟ) ଅଶୁଦ୍ଧ ପାନୀୟ ଯାହା ପାନକଲେ ନିଶା ହୋଇଥାଏ (ମାଂସ) ଜୀବକୁ ବଧକରି ଭକ୍ଷଣ କରିବା (ମୈଥୁନ) ସ୍ତ୍ରୀ-ପୁରୁଷଙ୍କର ଯୌନ ସମ୍ଭୋଗ (ମନଟ) ଗୁପ୍ତ ପାପୀ ଅର୍ଥାତ୍ ମନ ମୈଥୁନ ରତ (ମନମୁଖୀ ମଦନ) ସ୍ୱତନ୍ତ୍ର ପରସ୍ତ୍ରୀଗାମୀ ଅଥବା ଗୁରୁ ନିୟମ ସିଦ୍ଧାନ୍ତ ବିରୁଦ୍ଧାଚାରୀ (ମଦୀ) ଅଭିମାନୀ (ମଦାନ୍ଧୀ) ଗର୍ବୋନ୍ମତ୍ତ, କାହାରି କଥା ନ ଶୁଣିବା ଲୋକ (ମନସୁଆ) ସ୍ତ୍ରୈଣ ପ୍ରବୃତ୍ତିର ବ୍ୟକ୍ତି । ମଦ୍ୟପୀ, ମାଂସାହାରୀ, ମୈଥୁନାସକ୍ତ, ଅବୈଧ ସମ୍ବନ୍ଧରେ ଲିପ୍ତ, ମନମୁଖୀ, ସିଦ୍ଧାନ୍ତ ବିରୋଧୀ, ଅଭିମାନୀ, ଗର୍ବୋନ୍ମତ୍ତ, ସ୍ତ୍ରୈଣ ଏବଂ ବିଷୟୀ ବ୍ୟକ୍ତି ଭକ୍ତିର ଅଧିକାରୀ ନୁହନ୍ତି ।

**ଅନୁମାନ ଉପମାନ ହୈ, ଔର**
**ଶବ୍ଦ ପରମାନ ।**
**ଓ୍ୱନ ପ୍ରତ୍ୟକ୍ଷ କ୍ରମ ସୃଷ୍ଟି କା, ପାଞ୍ଚ**
**ପରିକ୍ଷା ଜ୍ଞାନ ।।୧୬।।**

ଭାଷ୍ୟ - ପ୍ରତ୍ୟକ୍ଷ, ଅନୁମାନ,




ଉପମାନ, ଶବ୍ଦ ଆଉ ସୃଷ୍ଟି କ୍ରମ - ଏଭଳି ପାଞ୍ଚ ପ୍ରକାରର ପରୀକ୍ଷା ରହିଛି । ଏମାନଙ୍କ ଦ୍ୱାରା ସମସ୍ତ ପଦାର୍ଥଗୁଡ଼ିକର ପରୀକ୍ଷା କରି ବୋଧ ପ୍ରାପ୍ତହେବା ଉଚିତ । ଜ୍ଞାନେନ୍ଦ୍ରିୟମାନଙ୍କ ଦ୍ୱାରା ଯିଏ ଭ୍ରମରହିତ ଜ୍ଞାନ ପ୍ରାପ୍ତ କରେ, ତାହାକୁ ପ୍ରତ୍ୟକ୍ଷ ଜ୍ଞାନ କୁହାଯାଏ । ପ୍ରତ୍ୟକ୍ଷ ସାଧନା ଦ୍ୱାରା ଅପ୍ରତ୍ୟକ୍ଷ ପଦାର୍ଥର ଯେଉଁ ସିଦ୍ଧି କରାଯାଏ, ତାହାକୁ ଅନୁମାନ ବୋଲି କୁହନ୍ତି । ଯେମିତି ଧୂମରୁ ଅଗ୍ନିର, କାର୍ଯ୍ୟରୁ କାରଣର, ଗୁଣରୁ ଗୁଣୀର ଏବଂ ପୁତ୍ରରୁ ପିତାର ଅନୁମାନ ହୋଇଥାଏ । ସାଦୃଶ୍ୟ ବା ତୁଲ୍ୟ ବସ୍ତୁର ଉପମା ଦେଇ କୌଣସି ପଦାର୍ଥର ସିଦ୍ଧି କରାଗଲେ ତାହାକୁ ଉପମାନ କହନ୍ତି । ଯେମିତି ସୂର୍ଯ୍ୟ ସମାନ ପ୍ରକାଶ ଅଥବା ଚନ୍ଦ୍ରମା ସମାନ ମୁଖ - ଏଗୁଡ଼ିକୁ ଉପମାନ କହନ୍ତି । ସଦ୍‌ଗୁରୁମାନଙ୍କର ଆପ୍ତ ବଚନକୁ ଶବ୍ଦ କହନ୍ତି । ମାତା ପିତା ଦ୍ୱାରା ସନ୍ତାନ ଜାତ ହୋଇଥାନ୍ତି । ଏହି କ୍ରମକୁ ସୃଷ୍ଟିକ୍ରମ କହନ୍ତି । ପ୍ରକୃତିର ନିୟମ, ବ୍ୟବସ୍ଥା ଅନୁସାରେ ବ୍ୟବହାରକୁ ସୃଷ୍ଟିକ୍ରମ କହନ୍ତି । ଏହି ପାଞ୍ଚ ପରୀକ୍ଷା ଯାହା ଦ୍ୱାରା ସମସ୍ତ ବସ୍ତୁଗୁଡ଼ିକୁ ପରୀକ୍ଷା କରି ଜାଣିହୁଏ ଏବଂ ମାନ୍ୟ ହୋଇଥାଏ ।

**ଥୂଲ ସୂକ୍ଷ୍ମ କାରଣ ବନା, ମୟ**
**କାରଣ ସେ ଏହ ।**
**କେଓ୍ୱଲ ହଁସ ସ୍ୱରୂପ ହୈ, ଯହ**
**ଷଟ ଜାନୋ ଦେହ ।।୧୭।।**

ଭାଷ୍ୟ - ସ୍ଥୁଳ, ସୂକ୍ଷ୍ମ କାରଣ, ମହାକାରଣ, କୈବଲ୍ୟ ଆଉ ହଂସ - ଏସବୁ ଷଡ଼ ଶରୀରର ଭେଦ ଅଟନ୍ତି ।

**ଆତମ ଶୁଦ୍ଧ ସ୍ୱରୂପ ମେଁ, କରଣ**
**ସା ମାନସ ଦେହ ।**
**ସର୍ବ କ୍ରିୟା ଚେତନ ରହେ, ମୁକ୍ତ**
**ହଁସ ହୈ ଏହ ।।୧୮।।**

ଭାଷ୍ୟ - ମୁକ୍ତିରେ ଆତ୍ମା ନିଜ ଶୁଦ୍ଧ ଚେତନ ସ୍ୱରୂପରେ ପରମାନନ୍ଦର ଉପଭୋଗ କରିଥାଏ । ମୁକ୍ତିରେ ଆତ୍ମା ନିଜ ନିତ୍ୟ କରଣରୁ ସମସ୍ତ ବ୍ୟବହାର କରିଥାଏ । ପ୍ରକୃତି ଛାଡ଼ିଯିବା ପରେ ପ୍ରକୃତିର ଦ୍ୱାର ବନ୍ଦ ହୋଇଯାଏ ଆଉ ଆତ୍ମା ସେହି ଅନ୍ତର୍ମୁଖୀ ଚେତନ ଶକ୍ତିରେ ପରମାନନ୍ଦ ସମ ମହାନ୍ ସୁଖକୁ ଉପଭୋଗ କରିଥାଏ ।

**ଷୋଡ଼ଶ ସୂର୍ଯ୍ୟ ପ୍ରକାଶ ହୈ,**
**ସଚ୍ଚିଦାନନ୍ଦ ସ୍ୱରୂପ ।**
**ଆତମ ଅଲଗ ଅଧାର ମୈଁ,**
**ତନ୍ମୟ ପୁରୁଷ ଅନୂପ ।।୧୯।।**

ଭାଷ୍ୟ - ଶୁଦ୍ଧ ଆତ୍ମାର ଦେହ ହଂସ ସ୍ୱରୂପ ହୋଇଥିବା ବେଳେ ସେହି ଆତ୍ମାରେ ଷୋହଳ ସୂର୍ଯ୍ୟର ପ୍ରକାଶ ରହିଥାଏ । ଆତ୍ମା ଶୁଦ୍ଧ ସ୍ୱରୂପରେ ପରମାନନ୍ଦର ଉପଭୋଗ କରିଥାଏ । ଆନନ୍ଦର ଉପଭୋଗ କରୁଥିବା ଆତ୍ମା ଭିନ୍ନ ବସ୍ତୁ ଅଟେ । ଦୁଇ ଚେତନ ପଦାର୍ଥ ଏକ ହୋଇ ନ ଥାନ୍ତି ବରଂ ତନ୍ମୟ ହୋଇଯାଆନ୍ତି । ଦୁଇ ଚେତନର ଗୁଣ ଏବଂ ସ୍ୱଭାବ ଏକ ଅବସ୍ଥାରେ ପ୍ରାପ୍ତ ହୋଇଥାନ୍ତି । ପରଂବ୍ରହ୍ମ ଆନନ୍ଦ ସ୍ୱରୂପ ଅଟନ୍ତି ଆଉ ଜୀବ ସେହି ଆନନ୍ଦର ଉପଭୋକ୍ତା ଅଟେ ।

**ବ୍ରହ୍ମାସ୍ମି ଭ୍ରମ ଉଦୟ ମୈଁ,**
**ଅହଂଭାଓ୍ୱ ବନ ଆୟ ।**
**କେଓ୍ୱଲ ଦେହ ସୋ ଜାନିୟେ,**
**ପତନ ମୂଲ ଭ୍ରମ ପାୟ ।।୨୦।।**

ଭାଷ୍ୟ - ଯେତେବେଳେ ଜୀବ ମନରେ 'ମୁଁ ବ୍ରହ୍ମ ଅଟେ' ବୋଲି ଭ୍ରମ ଏବଂ ଅଭିମାନ ଜାତ ହୁଏ ସେତେବେଳେ ଜୀବ ନିଜ ସ୍ୱରୂପକୁ ହିଁ ଆନନ୍ଦ ବୋଲି ମନେ କରିଥାଏ । ଏହାକୁ କୈବଲ୍ୟ ଶରୀର କହନ୍ତି । ଏହି ଭ୍ରମ 'ଅହଂ ବ୍ରହ୍ମାସ୍ମି' ଜୀବ ପତନର କାରଣ ଅଟେ ।

**ଅର୍ଦ୍ଧ ଜ୍ଞାନ ସଂକଳ୍ପ ଦୃଢ଼, ଦୃଶ୍ୟ**
**ଭୋଗ ଜଡ଼ ହୋୟ ।**
**ପତନ ମହାକାରଣ ବନା, ଭୟ**
**ହଁସ ସଚିଦ ସୋୟ ।।୨୧।।**

ଭାଷ୍ୟ - ନିଜ ସ୍ୱରୂପରେ ସ୍ଥିତ ନ ରହି, ନିଜର ଜ୍ଞାନ ଯେତେବେଳେ ପ୍ରାକୃତିକ ଭୋଗଗୁଡ଼ିକର ପ୍ରାପ୍ତି ନିମନ୍ତେ ନିମ୍ନସ୍ତରକୁ ଚାଲିଯାଏ ଆଉ ଭୋଗର ସଂକଳ୍ପ ଦୃଢ଼ ହୋଇଯିବା ଫଳରେ ଜ୍ଞାନ ହ୍ରାସ ହେବାରେ ଲାଗେ, ସେତେବେଳେ ଆତ୍ମା ଆନନ୍ଦରହିତ ହୋଇ ଭ୍ରମଯୁକ୍ତ ସତ୍ ଚିତ୍ ଅବସ୍ଥାକୁ ମହାକାରଣ ଶରୀର କହିଥାନ୍ତି । କୈବଲ୍ୟ ଏବଂ ମହାକାରଣ ଉଭୟ ଅବସ୍ଥା ଆତ୍ମାରେ ହୋଇଥାଏ । ଏହା କେବଳ ଚେତନ ସତ୍ତାର ଭ୍ରମଯୁକ୍ତ ଦୁଇ ପ୍ରକାର ଅବସ୍ଥା ଅଟନ୍ତି । ଆଗକୁ ଆତ୍ମାର ସମ୍ବନ୍ଧ ପ୍ରକୃତି ସହିତ ହୋଇଥାଏ, ଯାହାର ବର୍ଣ୍ଣନା ନିମ୍ନୋକ୍ତ ଦୋହାରେ କରାଯାଇଛି ।

**ଜଡ଼ ଚେତନ ସଂଯୋଗ ମେଁ,**
**ମାୟା ଜୀଓ୍ୱ ସମ୍ବନ୍ଧ ।**
**ଯୌଗିକ କାରଣ ଦେହ ହୈ, ଜଡ଼**
**ଫନ୍ଦା ଜିଓ୍ୱ ବନ୍ଧ ।।୨୨।।**

ଭାଷ୍ୟ - ମାୟା ଆଉ ଜୀବର ସମ୍ବନ୍ଧ ଜଡ଼-ଚେତନର ସଂଯୋଗ ଅଟେ । ଏହାକୁ କାରଣ ଶରୀର କୁହାଯାଏ । ପ୍ରକୃତି ଜଡ଼ ଆଉ ଚେତନ ଆତ୍ମା ଅଟେ । ଏଗୁଡ଼ିକର ସମ୍ବନ୍ଧରୁ ଜୀବ ପ୍ରକୃତିର ବନ୍ଧନରେ ପଡ଼ି ଆତଯାତ ହୋଇ ସାଂସାରିକ ଦୁଃଖକୁ ପ୍ରାପ୍ତ ହୋଇଥାଏ । ଏହାକୁ ଜଡ଼ ଚେତନର ଗ୍ରନ୍ଥି ମଧ୍ୟ କହନ୍ତି । ଏହି ଗ୍ରନ୍ଥି ଛାଡ଼ିଯିବା ପରେ ଜୀବ ନିଜ ଶୁଦ୍ଧ ସ୍ୱରୂପକୁ ଆସି ପରମାନନ୍ଦ ପ୍ରାପ୍ତି ନିମନ୍ତେ ପ୍ରଯତ୍ନଶୀଳ ହୋଇଥାଏ । ଶୁଦ୍ଧ ଚେତନ-ସ୍ୱରୂପ ପ୍ରାପ୍ତ ହେବା ପରେ ପ୍ରଭୁ ଭକ୍ତି ସହ ପରମାନନ୍ଦ ପ୍ରାପ୍ତି ହୋଇଥାଏ ।

**ପଞ୍ଚ ପ୍ରାଣ ଦଶ ଇନ୍ଦ୍ରିୟାଁ,**
**ଅନ୍ତଃକରଣ ମିଲାୟ ।**
**ଯହ ତୋ ସୁକ୍ଷମ ଦେହ ହୈ,**
**ଓ୍ୱନଇସ ତତ୍ତ୍ୱ ସମାୟ ।।୨୩।।**

ଭାଷ୍ୟ - ପଞ୍ଚ ପ୍ରାଣ, ଦଶ ଇନ୍ଦ୍ରିୟ ଆଉ ଚାରି ଅନ୍ତଃକରଣକୁ ନେଇ ଉଣେଇଶ ତତ୍ତ୍ୱର ସୂକ୍ଷ୍ମ ଶରୀର ନିର୍ମିତ ହୋଇଛି ।

## ଶକ୍ତି ସଂଚୟ ଏବଂ ତାହାର...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଏପରି ପବିତ୍ର ସ୍ଥଳଗୁଡ଼ିକରେ ନିଜ ଅନ୍ତଃକ୍ଷେତ୍ର ଭିତରର ସୁପ୍ତ ଶକ୍ତି ସହଜ ପ୍ରୟାସରେ ଜାଗ୍ରତ ହୋଇଯାଏ ।

ନିଜର କ୍ରିୟା, ଚେଷ୍ଟା, ଭାବ ଓ ବିଚାର ଦ୍ୱାରା ଅର୍ଜିତ ଶକ୍ତିର ସଦୁପଯୋଗ ହେଉଛି ଅଥବା ଦୁରୁପଯୋଗ, ଏହାର ମୂଲ୍ୟାଙ୍କନ ଆମେ ନିତ୍ୟ ଆତ୍ମନିରୀକ୍ଷଣ ଦ୍ୱାରା କରିବା ଆବଶ୍ୟକ । ତଦନୁରୂପ ନିଜ ଶକ୍ତିର ଅଧିକାଧିକ ବୃଦ୍ଧି ଓ ସଦୁପଯୋଗର ପ୍ରୟାସ କରାଯାଇ ପାରେ । ଶୁଦ୍ଧ, ସାତ୍ତ୍ୱିକ ଆହାର ଏବଂ ବିଷୟ ସଂଯମ ଦ୍ୱାରା ଶାରୀରିକ ଉନ୍ନତି ସୁନିଶ୍ଚିତ ହୋଇଥାଏ । ସଦ୍ ବ୍ୟବହାର ଓ ସଦ୍‌ଗୁଣ ବିକାଶ ସହିତ ମାନସିକ ବିକାଶ ହୋଇଥାଏ ଏବଂ ନିଷ୍କାମ ସେବା, ଇଷ୍ଟ ପ୍ରେମ ଏବଂ ସତ୍ୟସ୍ୱରୂପର ଧ୍ୟାନ ଦ୍ୱାରା ଆତ୍ମୋନ୍ନତି ହୋଇଥାଏ । ଏହାର ସମ୍ୟକ୍ ନିର୍ବାହ ଦ୍ୱାରା ବ୍ୟକ୍ତିତ୍ୱର ସ୍ଥୁଳ, ସୂକ୍ଷ୍ମ ଓ କାରଣ ତିନି ଆୟାମରେ ଶକ୍ତିର ସଞ୍ଚାର ହେବାକୁ ଲାଗେ ଏବଂ ଜୀବନରେ ଶ୍ରଦ୍ଧା, ପ୍ରଜ୍ଞା ଓ ନିଷ୍ଠା ଭଳି ତତ୍ତ୍ୱଗୁଡ଼ିକର ବିକାଶ ହୋଇଥାଏ ।

ଏହି ସନ୍ଦର୍ଭରେ ସାଧୁ, ସନ୍ଥ ଓ ଆଧାତ୍ମିକ ମହାପୁରୁଷମାନଙ୍କ ସତ୍ସଙ୍ଗ ଏକ ନିର୍ଣ୍ଣାୟକ କାରକ ସିଦ୍ଧ ହୋଇଥାଏ । ଏମାନଙ୍କ ପାବନ ସାନ୍ନିଧ୍ୟରେ ଜୀବନର ସୌଭାଗ୍ୟର ଉଦୟ ହୋଇଥାଏ । ଯଦି ଏମାନଙ୍କର ସଙ୍ଗ ସହଜ ରୂପେ ଉପଲବ୍ଧ ନ ହୁଏ, ତେବେ ସେମାନଙ୍କ ବାଣୀର ଶ୍ରବଣ ସତ୍ତ୍ୱେ ସାହିତ୍ୟର ସ୍ୱାଧ୍ୟାୟ ପୂର୍ବକ ଏହି ଆବଶ୍ୟକତା ପୂର୍ଣ୍ଣ କରାଯାଇପାରେ । ଏସବୁ କରିବା ଦ୍ୱାରା ବିବେକଦୃଷ୍ଟି ଜାଗ୍ରତ ହୋଇଥାଏ ଏବଂ ଜୀବନରେ ନୈତିକ ଅନୁଶାସନ ତଥା ଜୀବନମୂଲ୍ୟ ଗୁଡ଼ିକର ମହତ୍ତ୍ୱ ବୃଦ୍ଧି ହୁଏ । ଏପରି ସ୍ଥିତିରେ ସଂଯମ ସାଧନା ବାହାରରୁ ଲଦା ଯାଇଥିବା ଶାସନ ଠାରୁ ଅଧିକ ଅନ୍ତଃପ୍ରେରିତ ଆତ୍ମାନୁଶାସନର ପ୍ରକ୍ରିୟା ହୋଇଯାଏ, ଯାହାକୁ ବ୍ୟକ୍ତି ଅନେକ ପ୍ରତିକୂଳତା ସତ୍ତ୍ୱେ ସହର୍ଷ ନିର୍ବାହ କରିଥାଏ । ଏହି ପ୍ରକାର ଦୈନିକ ଜୀବନରେ ବଳର ଉପାସନା କରି ବ୍ୟକ୍ତି ଶକ୍ତିସମ୍ପନ୍ନ ହେବାର ଆନନ୍ଦ ଓ ସତ୍ୟର ପୁଣ୍ୟ କ୍ଷେତ୍ରରେ ପ୍ରବେଶ କରିଥାଏ । ଜୀବନର ପ୍ରତ୍ୟେକ ସ୍ତରରେ ଶକ୍ତି ଅର୍ଜନ ସହିତ ଦୁର୍ବଳତାର ଅଭାବ ହେବାକୁ ଲାଗେ ଏବଂ ବ୍ୟକ୍ତି ଜୀବନର ଆହ୍ୱାନଗୁଡ଼ିକୁ ଅତିକ୍ରମ କରି ଭୟରୁ ନିର୍ଭୟତା, ତମରୁ ଚେତନତା ଓ ମୃତ୍ୟୁରୁ ଅମୃତର ପ୍ରକାଶପୂର୍ଣ୍ଣ ମାର୍ଗରେ ଅଗ୍ରସର ହୋଇଥାଏ ତଥା ଅର୍ଜିତ ଶକ୍ତିକୁ ଲୋକହିତରେ ନିୟୋଜନ କରି ଏକ ସୁଖୀ ଓ ସାର୍ଥକ ଜୀବନ ଯାପନ କରିଥାଏ ।

## ମେଥିର ଔଷଧୀୟ ଗୁଣ

ପ୍ରତିଦିନ ସକାଳୁ ଖାଲି ପେଟରେ ୧ ଗ୍ଲାସ୍ ଥଣ୍ଡା ପାଣି ସହିତ ୪ ଗ୍ରାମ୍ ମେଥି ଖାଇଲେ ପେଟ ରୋଗ ଭଲ ହୋଇଥାଏ ।

ଗରମ କ୍ଷୀର ବା ଗରମ ପାଣିରେ ମେଥି ଗୁଣ୍ଡକୁ ଗୋଳାଇ ପିଇଲେ ଏହା ଶରୀରରୁ ଯାବତୀୟ କ୍ଳାନ୍ତି ତଥା ଥକ୍କାପଣ ଦୂର କରେ ।

ମେଥି ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତ କରିଥାଏ ତଥା ଶରୀରକୁ ତତ୍‌କ୍ଷଣାତ୍ ଶକ୍ତି ପ୍ରଦାନ କରିଥାଏ ।

ମେଥିକୁ କଦଳୀ ସହିତ ବାଟି ଲଗାଇଲେ ସମସ୍ତ ପ୍ରକାର ଚର୍ମରୋଗରୁ ଉପକାର ମିଳେ ଏହା ଫଙ୍ଗାଲ ଇନଫେକସନ ପାଇଁ ଉପକାରୀ । ଏହା ଚର୍ମକୁ ଉଜ୍ଜଳ ତଥା କୋମଳ କରିଥାଏ ।

କ୍ଷତ ସ୍ଥାନରେ ମେଥି ବଟା ଲଗାଇଲେ ଦରଜ ତଥା ଫୁଲା ଘା' ଶୀଘ୍ର କମିଯାଏ ।

ଭଜା ମେଥି ଗୁଣ୍ଡକୁ ମିଶ୍ରି ସହିତ ମିଶାଇ ସେବନ କଲେ ଏହା



ମହିଳାମାନଙ୍କର ଋତୁଚକ୍ରଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

ଦେଶୀ ଗାଈର କଞ୍ଚା କ୍ଷୀର ସହିତ ମେଥିକୁ ବାଟି ମୁଣ୍ଡରେ ଲଗାଇଲେ କେଶର ଘନତ୍ୱ ବୃଦ୍ଧି ପାଏ । ଏହା ଦ୍ୱାରା କେଶ ଲମ୍ବା ତଥା ସବଳ ହୁଏ ଏବଂ କେଶ ଉପୁଡ଼ିବା ତଥା ରୁପି ଦୂର ହୋଇଥାଏ ।

## ଟିକିଏ ହସନ୍ତୁ

**ମନୋଜ ରାଜୁକୁ :** ଆରେ ସାଙ୍ଗ, ଭାବୁଛି ମୁଁ ମୋ ସ୍ତ୍ରୀକୁ ଡିଭୋର୍ସ ଦେଇଦେବି ।
**ରାଜୁ :** କାହିଁକି ? କ'ଣ ହେଇଛି ?
**ମନୋଜ :** ୬ ମାସ ହେବ ସେ ମୋ ସହ ଭଲରେ କଥା ହେଉନି ।
**ରାଜୁ :** ଆଉ ଥରେ ଭାବେ, ଏମିତି ସ୍ତ୍ରୀ ତତେ ଆଉ ମିଳିବେନି । ଯିଏକି ଚୁପ୍ ରହୁଛି । ତୋ ସହ ଝଗଡା କରି ମୁଣ୍ଡ ଖାଉନି ।
**ମନୋଜ :** ଏଁ...... ।

× × × ×

**ସନ୍ତୋଷ ପପୁକୁ :** ମୋ ପଡିଶା ଘର ଝିଅ ବୋଧେ କାଲୁଣୀ ।
**ପପୁ :** ତୁ କେମିତି ଜାଣିଲୁ ?
**ସନ୍ତୋଷ :** କାଲି ମୁଁ ତାକୁ 'ଆଇ ଲଭ୍ ୟୁ' କହିଲି । ଆଉ ସିଏ କ'ଣ କହିଲା ଜାଣିଛୁ ?
**ପପୁ :** କ'ଣ ?
**ସନ୍ତୋଷ :** ମୁଁ କାଲି ନୂଆ ସାଣ୍ଡେଲ କିଣିଛି, ଦେବି କି ?



× × × ×

**ବାପା :** ରମେଶ ବାବୁଙ୍କ ପୁଅ ବିଜ୍‌ନେସ୍‌ରେ ବହୁତ ପରିଶ୍ରମ କରୁଛି । ଏବେ ସେମାନେ ବହୁତ ଧନୀ ହେଇଗଲେଣି ।
**ପୁଅ ବାପାଙ୍କୁ :** ବାପା ମୁଁ ଯେବେ ବିଜନେସ୍ ଷ୍ଟାର୍ଟ କରିବି ବଡ ବଡ ଧନୀଙ୍କ ହାତରେ ଗିନା ଧରେଇ ଦେବି ।
**ବାପା :** କେମିତି ?
**ପୁଅ :** ଗୁପ୍‌ଚୁପ୍ ବିକ୍ରି କରି ।

× × × × ×

**ପଡ଼ୋଶୀ :** ସାଙ୍ଗ ତୋ ଘରୁ ସବୁଦିନ ହସିବା ଶବ୍ଦ ଶୁଭୁଛି । ତୋ ହସଖୁସି ଜୀବନର ରହସ୍ୟ କ'ଣ ?
**ସାଙ୍ଗ :** ମୋ ସ୍ତ୍ରୀ ସବୁଦିନ ମତେ ବେଲଣା କାଠିରେ ପିଟେ । ବାଜିଗଲେ ସେ ହସେ ନ ବାଜିଲେ ମୁଁ ହସେ ।

× × × × ×

**ପୁଅ :** ଆଇ ଲଭ୍ ୟୁ ।
**ଝିଅ :** ମୁଁ ତୁମକୁ ଭଲ ପାଏନି ।
**ପୁଅ :** ଆଉ ଥରେ ଭାବିକି କୁହ ।
**ଝିଅ :** ମୁଁ ତୁମକୁ କହିଲି ନା ମୁଁ ତୁମକୁ ଭଲ ପାଏନି ।
**ପୁଅ :** ଓକେ, ୱେଟର ବିଲ୍ ଅଲଗା ଅଲଗା ଆଣିବ ।
**ଝିଅ :** ଆରେ ଆରେ ତୁମେ ତ ସିରିୟସ୍ ହେଇଗଲ । ମୁଁ କ'ଣ ମୋ ଜାନୁ ସହିତ ମଜାକ୍ କରିପାରିବିନି ?

× × × × ×

**ସ୍ୱାମୀ :** ଖାଇବା ଏ ପର୍ଯ୍ୟନ୍ତ ତିଆରି ହୋଇନି ? ମୁଁ ଯାଉଛି ହୋଟେଲରେ ଖାଇ ଆସିବି ।
**ସ୍ତ୍ରୀ :** ପାଞ୍ଚ ମିନିଟ ଅପେକ୍ଷା କର ।
**ସ୍ୱାମୀ :** ପାଞ୍ଚ ମିନିଟରେ କ'ଣ ଖାଇବା ହୋଇଯିବ ?
**ସ୍ତ୍ରୀ :** ନା ପାଞ୍ଚ ମିନିଟରେ ମୁଁ ବାହାରି ପଡୁଛି । ସାଙ୍ଗ ହୋଇ ଯିବା ।

# ଅଳସୀର ଉପକାରିତା

ଅଳସୀକୁ ଆମେ ଫ୍ଲାକ୍ସ ସିଡ୍ସ ବା ଫେସି ବୋଲି କହିଥାଉ । ଅଳସୀ ଏମିତି ଏକ ଖାଦ୍ୟ ପଦାର୍ଥ ଯାହାକୁ ବିଭିନ୍ନ ପ୍ରକାରେ ଖିଆ ଯାଇ ପାରେ । ଅଳସୀ ମଞ୍ଜି ଏବଂ ପାଉଡରରେ ବହୁ ଔଷଧୀୟ ଗୁଣ ରହିଛି ଯାହା ବହୁ ରୋଗରୁ ରକ୍ଷା କରିଥାଏ । ତାଛଡ଼ା ଅଳସୀ ଗଛକୁ ମଧ୍ୟ ଜଡି ବୁଟି ପ୍ରସ୍ତୁତିରେ ବ୍ୟବହାର କରାଯାଏ ।

ଅଳସୀରେ ବହୁ ଔଷଧୀୟ ତତ୍ତ୍ୱ ରହିଛି । ଏଥିରେ ରହିଛି ଓମେଗା ୩ ଫ୍ୟାଟି ଏସିଡ, ଭିଟାମିନ୍ ବି ୧, ପ୍ରୋଟିନ୍, ଫାଇବର, ମ୍ୟାଗ୍ନେସିୟମ, ମାଙ୍ଗାନିଜ, ଫସଫରସ, ସେଲେନିୟମ, ଆଇରନ ଇତ୍ୟାଦି ।

ଯେହେତୁ ଏଥିରେ ପ୍ରଚୁର ପରିମାଣର ଓମେଗା ୩ ଫ୍ୟାଟି ଏସିଡ ରହିଛି ଏହା ଆମ ଶରୀରର ଇମ୍ୟୁନି ସିଷ୍ଟମକୁ ମଜଭୁତ କରିଥାଏ ଏବଂ ବହୁ ରୋଗରୁ ମଧ୍ୟ ଆମକୁ ରକ୍ଷା କରିଥାଏ ।

ଖାଲି ପେଟରେ ଅଳସୀ ଖାଇଲେ



ପେଟ ସଫା ହୋଇଥାଏ ଏବଂ ପାଚନ ତନ୍ତ୍ର ମଜଭୁତ ହୋଇଥାଏ ।

ଗୋଟିଏ ଚାମଚ ଅଳସୀରେ ରହିଛି ୫୫ କ୍ୟାଲୋରୀ, ୩ ଗ୍ରାମ ଫାଇବର, ୨ ଗ୍ରାମ ପ୍ରୋଟିନ୍, ୩ ଗ୍ରାମ କାର୍ବୋହାଇଡ୍ରେଟ୍, ୪୦ ମିଲିଗ୍ରାମ ମ୍ୟାଗ୍ନେସିୟମ, ୦.୩ ମିଲିଗ୍ରାମ ମାଙ୍ଗାନିଜ, ୬୫ ମିଲିଗ୍ରାମ ଫସଫରସ, ୦.୧ ମିଲିଗ୍ରାମ କପର, ୦.୨ ମିଲିଗ୍ରାମ ଥିୟାମିନ/ ଭିଟାମିନ୍-ବି-୧, ୩ ମିଲିଗ୍ରାମ ସେଲେନିୟମ ।

ଅଳସୀରେ ମଧ୍ୟ ପର୍ଯ୍ୟାପ୍ତ ମାତ୍ରାରେ ଭିଟାମିନ୍ ବି-୬ ଆଇରନ, ପୋଟାସିୟମ ଏବଂ ଜିଙ୍କ ରହିଛି । ଏଥିରୁ ଅନୁମାନ କରନ୍ତୁ ଅଳସୀ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ।

ଏଥିରେ ହାଇ ଫାଇବର ଏବଂ ଲୋ କାର୍ବୋହାଇଡ୍ରେଟ ରହିଥିବା ଯୋଗୁଁ ଏହା ଓଜନ କମ୍ କରିଥାଏ । ଅଧିକ ଫାଇବର ଯୋଗୁଁ ତ୍ୱଚା ସଫ୍ଟ ରହିବା ସହିତ ସୌନ୍ଦର୍ଯ୍ୟ ମଧ୍ୟ ବଜାୟ ରହିଥାଏ । ଅଳସୀ ନିୟମିତ ଖାଇବା ଯୋଗୁଁ ଖରାପ କୋଲେଷ୍ଟେରଲ କମ୍ ହୋଇ ଯାଇଥାଏ । ଏହାକୁ ନିୟମିତ ଖାଇଲେ ପେଟ ପୁରିଲା ପୁରିଲା ଲାଗେ । ଅଧିକ ଖାଇବାକୁ ଇଚ୍ଛା ହୁଏନି । ଏଥିରେ ଓମେଗା ୩ ଫ୍ୟାଟି ଏସିଡ ରହିଥିବାରୁ ଏହା ହାର୍ଟବିଟକୁ ନର୍ମାଲ ରଖିବାରେ ସାହାଯ୍ୟ କରିଥାଏ । ଏହା ହୃଦୟର ଧମନୀରେ ଜମିଥିବା କୋଲେଷ୍ଟ୍ରୋଲକୁ ବାହାରକୁ ବାହାର କରିଦେଇଥାଏ, ଯାହାଦ୍ୱାରା ବ୍ଲଡ ସର୍କୁଲେସନ ବହୁତ ଭଲ ହୋଇଥାଏ । ଏହାଦ୍ୱାରା ହାର୍ଟ ଆଟାକର ସମ୍ଭାବନା ମଧ୍ୟ କମ୍ ହୋଇଥାଏ । ୨୦୧୦ ରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ, ଯଦି ପ୍ରତିଦିନ ୧୦୦ ମିଲିଗ୍ରାମ ଅଳସୀ ଖିଆଯାଏ ବ୍ଲଡ ସର୍କୁଲେସନ ଲେବଲ କମ୍ ହୋଇଥାଏ ଏବଂ ବଡିରୁ ଫ୍ୟାଟ ଅଂଶକୁ ସଫା କରି ଦେଇଥାଏ । ଏହା ହୃଦ ସମ୍ବନ୍ଧୀୟ ସବୁ ପ୍ରକାର ରୋଗ ଭଲ କରି ଦେଇଥାଏ ।

ଅଳସୀ ଯାବତୀୟ ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହା ଡାଇରିଆ କୋଷ୍ଠକାଠିନ୍ୟ, ପେଟ ଫୁଲିବା ଆଦି ସମସ୍ୟାରୁ ରକ୍ଷା କରିଥାଏ ।

ଡାଇରିଆ ତଥା ପେଟ ଖରାପ ସମୟରେ ସଠିକ୍ ମାତ୍ରାରେ ଅଳସୀ ଖାଇବା ଉଚିତ । ଯଦି ଏହାର ମାତ୍ରା ବଢ଼ିଯାଏ ତ ଏହା ପେଟକୁ ଅଧିକ ଖରାପ କରି ଦେଇପାରେ ।

ଅଧିକ ଅଳସୀ ଖାଇଲେ ମଧ୍ୟ ଲୋକଙ୍କର ଆଲର୍ଜି ହେଉଥିବା ଅଭିଯୋଗ ହୁଏ । ଅଧିକ ଅଳସୀ ଖାଇଲେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଥିବାର ମଧ୍ୟ ଅଭିଯୋଗ ହୁଏ । ଏକଥା ମଧ୍ୟ ସତ୍ୟ ଯେ ଏହା ବି.ପି ଲୋ କରି ଦେଇଥାଏ ।

ଅଧିକ ଅଳସୀ ଖାଇଲେ ମଧ୍ୟ ବ୍ୟତିବ୍ୟସ୍ତ ଲାଗିବା ସହିତ ପେଟ କାଟିବା ଏବଂ ବାନ୍ତି ଭଳି ସମସ୍ୟା ମଧ୍ୟ ଦେଖା ଦେଇଥାଏ ।

ଯେଉଁ ମହିଳାମାନଙ୍କର ସନ୍ତାନ ସନ୍ତତି ନ ହେଉଛି କିମ୍ବା ମାସିକ ଧର୍ମ ଠିକ୍ ଭାବେ ନ ହେଉଛି ସେମାନେ ଅଳସୀ ଖାଇବା ଉଚିତ ।

# କ୍ୟାନସର ଦୂର କରେ ପିଆଜ

ପିଆଜ କ୍ୟାନସର ଆଶଙ୍କା କମ୍ କରେ । ଏସୋଫେଗଲ୍ କ୍ୟାନସର, କୋଲୋରେକ୍ଟଲ କ୍ୟାନସର, ପେଟ କ୍ୟାନସର, ପ୍ରୋଷ୍ଟେଟ କ୍ୟାନସର ପାଇଁ ପିଆଜ ଲାଭଦାୟକ ।



ହୃଦ୍ ସମ୍ବନ୍ଧୀୟ ରୋଗ ଆଶଙ୍କାକୁ ମଧ୍ୟ କମାଇବାରେ ଏହା ସହାୟ୍ୟ କରେ । ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିଥିବାରୁ ମଧୁମେହ ରୋଗୀଙ୍କ ପାଇଁ ଉପାଦେୟ ପିଆଜ । ଏହା ଅସ୍ଥି ମଜବୁତରେ ସହାୟକ ହୁଏ । ଏହା ଦ୍ୱାରା ଅଷ୍ଟିଓପୋରୋସିସରୁ ରକ୍ଷା ମିଳେ । ପିଆଜ ଖାଇବା ଦ୍ୱାରା ବ୍ୟାଡ୍ କୋଲେଷ୍ଟ୍ରଲ କମ୍ ହୁଏ ।

# ଆପଣ ଜାଣନ୍ତି କି ?

- ହିଟଲର୍ର ବନ୍ଦୀ ଥିବା ବେଳେ ମର୍ସିଡିଜ୍ କାରଟିଏ କିଣିବା ନିମନ୍ତେ ଋଣ ଆବେଦନ କରିଥିଲେ ।
- ଏକଦା ଏକ ଛୋଟିଆ କାର୍ ଭିତରେ ଉଣେଇଶ ଜଣ ଯୁବତୀ ପ୍ରବେଶ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ ।
- ସାଧାରଣ କାର୍ର ଯନ୍ତ୍ରାଂଶ ସଂଖ୍ୟା ୩୦ ହଜାର ।
- ବ୍ରାଜିଲର ୯୨ ପ୍ରତିଶତ ନୂଆ କାର୍ ଆଖୁରୁ ପ୍ରସ୍ତୁତ ଇନ୍ଧନ 'ଇଥାନଲ୍'ରେ ଚାଲୁଛି ।
- ୧୮୯୧ ରେ ଓହିଓରେ ପ୍ରଥମ କାର୍ ଦୁର୍ଘଟନା ଘଟିଥିଲା ।
- ଋଷିଆରେ ଅପରିଷ୍କାର କାର୍ ଚଳାଇବା ଏକ ଅପରାଧ ।
- ତୁର୍କମେନିସ୍ତାନରେ କାର ମାଲିକମାନଙ୍କୁ ପ୍ରତି ମାସରେ ୧୨୦ ଲିଟର ପେଟ୍ରୋଲ ମାଗଣା ମିଳେ ।
- ଲସ୍ ଏଞ୍ଜେଲସରେ ମଣିଷଙ୍କଠାରୁ କାର୍ ସଂଖ୍ୟା ଅଧିକ ।
- ଏକ ନିୟୁତ ଡଲାରର ପ୍ରଥମ ବିଶ୍ୱ ଶିକ୍ଷକ ପୁରସ୍କାର ନାନସୀ ଆଟୱେଲ ପାଇଥିଲେ ।
- ଭାରତରେ ଅଧିକାଂଶ ଲୋକଙ୍କର ଅର୍ଥନୀତି ସମ୍ପର୍କରେ ଜ୍ଞାନ ନାହିଁ ୭୬ ପ୍ରତିଶତ ଭାରତୀୟ ମୁଦ୍ରାସ୍ଫୀତି, ସୁଧହାର ବୁଝନ୍ତି ନାହିଁ ।
- ପୃଥିବୀରେ ହାରାହାରି ୬୬ ପ୍ରତିଶତ ଲୋକଙ୍କର ଆର୍ଥିକ ସାକ୍ଷରତା ଅର୍ଥାତ୍ ଅର୍ଥନୀତି ସମ୍ପର୍କିତ ଜ୍ଞାନ ନାହିଁ । ଭାରତରେ ୭୩ ପ୍ରତିଶତ ପୁରୁଷ ଓ ୮୦ ପ୍ରତିଶତ ମହିଳା ଆର୍ଥିକ ଦୃଷ୍ଟିରୁ ସାକ୍ଷାର ନୁହନ୍ତି । ମୋଟା ମୋଟି ଭାବେ ଭାରତରେ ୨୪ ପ୍ରତିଶତ ଲୋକ ଆର୍ଥିକ ସାକ୍ଷର ।

# ଓଜନ କମାଇବ କଞ୍ଚା ଲଙ୍କା

ଯଦି ମସଲାଯୁକ୍ତ ଖାଦ୍ୟ ଭଲ ପାଆନ୍ତି ତେବେ ଏହି ଖବର ଆପଣଙ୍କ ପାଇଁ । ଖାଦ୍ୟ ତାଲିକାରେ କଞ୍ଚା ଲଙ୍କା ସାମିଲ କରନ୍ତୁ । କାରଣ କିଛି ଚମତ୍କାର ସ୍ୱାସ୍ଥ୍ୟ ହିତକର ଗୁଣରେ ଏହା ଭରପୁର । କଞ୍ଚା ଲଙ୍କା କେବଳ ଭିଟାମିନ୍-ସି' ରେ ଭରପୁର ନୁହେଁ, ଆଣ୍ଟି ଅକ୍ସିଡାଣ୍ଟ ଓ ଫାଇବର ଯୁକ୍ତ ମଧ୍ୟ । ଭିଟାମିନ୍-ଏ, ପୋଟାସିୟମ ଓ ଲୌହସାର ମଧ୍ୟ ରହିଛି । ଓଜନ କମାଇବାକୁ ଚାହୁଁଥିଲେ, ଖାଦ୍ୟରେ କଞ୍ଚା ଲଙ୍କା ସାମିଲ କରିବା ଦ୍ୱାରା ଶରୀରରୁ ଅତିରିକ୍ତ ଚର୍ବି ହ୍ରାସ ହେବ । ଏହା ସେତେବେଳେ ଘଟେ, ଯେତେବେଳେ ଆପଣ କିଛି ମସଲାଯୁକ୍ତ ଖାଦ୍ୟ ଖାଆନ୍ତି । ଏହା ଖାଇବା ପରେ ପ୍ରାୟ ୩ ଘଣ୍ଟା ପାଇଁ



ଆପଣଙ୍କ ମେଟାବଲିଜମକୁ ଦ୍ରୁତ କରେ । ଆପିଟାଇଟ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ମସଲାଦାର ଖାଦ୍ୟ ଖାଇବା ଦ୍ୱାରା ପେଟ ଭର୍ତ୍ତି ହେବାଭଳି ଅନୁଭୂତ ହୁଏ । ଫଳରେ ଭୋକ କମିଯାଏ । ତେଣୁ ବ୍ୟକ୍ତି ଅଧିକ ଖାଇବାକୁ ଇଚ୍ଛା କରନ୍ତି ନାହିଁ । ୨୦୦୮ ରେ ଆମେରିକୀୟ ପତ୍ରିକା କ୍ଲିନିକାଲ ନ୍ୟୁଟ୍ରିସନରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନ ଅନୁସାରେ କଞ୍ଚା ଲଙ୍କାରେ ଥିବା ସକ୍ରିୟ ଯୌଗିକ କ୍ୟାପସାଇସିନ୍ ପେଟ ଚର୍ବି କମାଇବାରେ ସହାୟକ ହୋଇପାରେ । କିନ୍ତୁ ପେଟ ସମସ୍ୟା ଯୁକ୍ତ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ବିନା କଞ୍ଚା ଲଙ୍କା ବା କୌଣସି ମସଲାଯୁକ୍ତ ଖାଦ୍ୟ ଖାଇବା ଉଚିତ ନୁହେଁ ବୋଲି ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି ।

# ଔଷଧ ପରି କାମକରେ କୋଳାଏ ରସୁଣ

ରସୁଣ ସମସ୍ତଙ୍କ ରୋଷେଇ ଘରେ ନିଶ୍ଚୟ ଥିବ । କିନ୍ତୁ ଏହାର ଔଷଧୀୟ ଗୁଣ ବିଷୟରେ ଆପଣ କେତେ ଜାଣନ୍ତି ? ୧୦୦ ଗ୍ରାମ୍ ରସୁଣରୁ ପ୍ରାୟ ୧୫୦ କ୍ୟାଲୋରି ମିଳିଥାଏ । ରସୁଣ ଭିଟାମିନ୍ ବି-୧, ବି-୨, ବି-୩, ବି-୬, ଫଲେଟ୍, ଭିଟାମିନ୍ ସି, କ୍ୟାଲସିୟମ୍, ଲୌହ, ମ୍ୟାଗନେସିୟମ, ମାଙ୍ଗାନିଜ, ପୋଟାସିୟମ୍, ସୋଡିୟମ ଓ ଦସ୍ତାରେ ସମୃଦ୍ଧ । ରକ୍ତ ଶୋଧକ: ତ୍ୱଚାରେ ବ୍ରଣ ବାହାରୁ ଥିଲେ ରକ୍ତକୁ ପରିଷ୍କାର କରିବା ପାଇଁ ନିୟମିତ ସକାଳେ ଓ ସନ୍ଧ୍ୟାରେ ୨ କୋଳା ରସୁଣ ଖାଇ ହାଲକା ଗରମ ପାଣି ପିଅନ୍ତୁ । ସାରା ଦିନ ଭରପୂର ପାଣି ପିଇବାକୁ ଭୁଲନ୍ତୁ ନାହିଁ । ରସୁଣ ପେଟକୁ ସଫା କରିବା ସହ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଥାଏ ।

ଥଣ୍ଡା ଓ ଫ୍ଲୁ: ନିୟମିତ ୨/୩ ଟି କଞ୍ଚା ରସୁଣ ଖାଇବା ଦ୍ୱାରା ଥଣ୍ଡା ଓ ଫ୍ଲୁରୁ ରକ୍ଷା ପାଇ ପାରିବେ । ତା' ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ବଢ଼ାଇଥାଏ ।

ହୃଦଘାତରୁ ରକ୍ଷା କରେ: ନିୟମିତ ରସୁଣ ଖାଇବା ଦ୍ୱାରା ଏଲିସିନର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଯୋଗୁଁ କୋଲୋଷ୍ଟ୍ରଲ ସ୍ତର କମ୍ ରହିଥାଏ । ଏଥି ସହିତ ରକ୍ତଚାପ ଓ ରକ୍ତ ଶର୍କରା ସ୍ତର ମଧ୍ୟ ନିୟନ୍ତ୍ରିତ ରହେ ।

ରସୁଣ ଫଙ୍ଗାଲ ସଂକ୍ରମଣରୁ ରକ୍ଷା କରିଥାଏ, ତା' ସହ ଏଗଜିମାରୁ ମଧ୍ୟ । ରସୁଣ ତ୍ୱଚାକୁ ଲୋଚାକଚା ହେବାରୁ ରକ୍ଷା କରିଥାଏ ।



# କହିପାରିବେ କି ?

(୧) 'ଆଜାଦ୍ କାଶ୍ମୀର' ସେନାବାହିନୀ କାହା ସମର୍ଥନ ପାଇ କାଶ୍ମୀର ଉପରେ ଆକ୍ରମଣ କରିଥିଲେ ?
(୨) ଉପ-ଜିଲ୍ଲାପାଳ କେଉଁ ନିର୍ବାଚନରେ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରନ୍ତି ?
(୩) ବାନ୍ଦୁଙ୍ଗ ସମ୍ମିଳନୀ କେବେ ଅନୁଷ୍ଠିତ ହୋଇଥିଲା ?
(୪) 'ସିଆଟୋ' କେଉଁ ପ୍ରକାର ଚୁକ୍ତି ?
(୫) କେଉଁ ଦୁଇ ଦେଶ ମଧ୍ୟରେ ଥିବା ସୀମାରେଖାକୁ ମ୍ୟାକମୋହନ ସୀମାରେଖା କୁହାଯାଏ ?
(୬) ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
(୭) ପ୍ରତିରକ୍ଷା କ୍ଷେତ୍ରରେ କେଉଁ ଦେଶଟି ଭାରତ ଉପରେ ନିର୍ଭରଶୀଳ ?
(୮) ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ କେବେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?
(୯) ଗାନ୍ଧିଜୀ କେବେ ଓ କେଉଁଠାରେ ଆଙ୍ଗୁଳିଛାପ ଆଇନ ବିରୋଧରେ ଏକ ସଭା କରିଥିଲେ ?
(୧୦) ଖିଲାଫତ୍ ଆନ୍ଦୋଳନର କେବେ ଅବସାନ ଘଟିଲା ?

## JUMBLE WORDS

| | | | |
|---|---|---|---|
| 1) BHAIT | = | 6) TMRETA | = |
| 2) UEQNE | = | 7) NESYRT | = |
| 3) RUYPIF | = | 8) FINUT | = |
| 4) LIYSK | = | 9) NUHOD | = |
| 5) OLIOG | = | 10) GAIOHE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ନାଇଟ୍, ୨.୧୯୩୫ ଅଗଷ୍ଟ ୨, ୩.ଇଂରାଜୀ, ୪.ଗୌରୀଶଙ୍କର ରାୟ, ୫.ସଂଯୁକ୍ତ ଦଳ, ୬.୨୪, ୭.୧୯୭୮, ୮.ହୋମି ଜାହାଙ୍ଗୀର ଭାବେ, ୯.୨୦୦୯-୧୦, ୧୦.ଋଷିଆ ।

***Jumble Words*** ର ଉତ୍ତର :-

(1) ROOKIE (2) POTATO (3) YEAST (4) WIPER (5) DONKEY (6) SIMMER (7) EJECT (8) MATCH (9) CRABBY (10) NOODLE

# ଜବାହାର ନବୋଦୟ ବିଦ୍ୟାଳୟ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଯୁଥ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣ୍ଣପୁର : ବୌଦ୍ଧର ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ପାଲଝର ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଯୁଥ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ସରକାରୀ ଆଇଟିଆଇ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପଲିଟେକନିକର ଅଧକ୍ଷ ଶ୍ରୀ ଜିତେନ୍ଦ୍ର ନାରାୟଣ ଦାସ, ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷ ଶ୍ରୀମତୀ ଜୋଲି ଟମି, ଆଇଟିଆଇର ଅଧକ୍ଷ ଶ୍ରୀ ଅବିନାଶ ମିଶ୍ର, ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ଶ୍ରୀ ନବନିତ କୁମାର ପ୍ରମୁଖ ତଥା ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ଶେଷରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ହିମାଚଳ ପ୍ରଦେଶର 'ନ୍ୟୋ' ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଯୁଥ ପାର୍ଲିଆମେଣ୍ଟରେ ଇସିକା ପ୍ରିୟଦର୍ଶିନୀ, ଅଖିଳେଶ ମିଶ୍ର, ସୃଷ୍ଟି ବଡତ୍ୟା, ଚିନ୍ମୟ କର୍ମୀ, ଏଲିଶା ପ୍ରହରାଜ, ଆଦ୍ୟାଶା ପ୍ରଧାନ, ସାହିଲ ମିଶ୍ର, ମୌସମ ସାହୁ, କିରଣ ମନିସା ସାହୁ, ମୌସମ କର୍ମୀ, ସ୍ୱସ୍ତିକ ରାଣୀ ମଲ୍ଲିକ, ପ୍ରତ୍ୟାଶା ତ୍ରିପାଠୀ, ସ୍ୱାତୀ ସ୍ୱାଗତିକା ପ୍ରଧାନ, ରିୟା ପ୍ରଧାନ, ଅର୍ଚ୍ଚିତା ପଟ୍ଟନାୟକ, ପ୍ରିୟାଂଶୁ ଭୋଇ,ଅମୋଶ ଲୁହା, ଓମ ପ୍ରକାଶ ସାହୁ, ସମ୍ବିତ ବଡ଼ମାଳୀ, ପରିମିତା ସାହୁ, ଲକ୍ଷ୍ମୀପ୍ରିୟା ଦେହୁରୀ, ପ୍ରାଚୀ ନୈରୁତା ପ୍ରଧାନ, ପ୍ରତୀକ ଆନନ୍ଦ ଦତ୍ତା, ସୋନୁ କୁମାର ସାହୁ, କରଣ କୁମାର ଉଷତ୍, ଶିଳ୍ପୀ ମେହେର, ସୁଜାତା ମହାଳିକ, ଦୀପା ଦତ୍ତା, ସାଇସଞ୍ଜା ପ୍ରହରାଜ, ଆଶୁତୋଷ ସାହୁ, ମୋହିତ କୁମାର ଦୀକ୍ଷିତ, ଲୋକେଶ ପ୍ରଧାନ, ମଣ୍ଟୁ ମେହେର, ସାଞ୍ଚି ଅଗ୍ରୱାଲ, ରିତ୍ୱିକ କୁମାର ଲୁହା, ଚନ୍ଦ୍ର ଶେଖର ସେଠି, ରୁଦ୍ର ପ୍ରସାଦ ପଣ୍ଡା ଓ ଅର୍ଚ୍ଚିତା ମହାକୁଡ଼ ବିଭିନ୍ନ ଭୂମିକା ରେ ଅଂଶ ଗ୍ରହଣ କରିଥିଲେ । ପାର୍ଲିଆମେଣ୍ଟ ରେ କେମିତି ସବୁ କାର୍ଯ୍ୟ ହୋଇଥାଏ ତାର ପୁରା ନକଲ ଜବାହାର ନବୋଦୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଅଭିନୟ ମାଧମରେ ଜଣାଇଥିଲେ । କିଭଳି ଶାସକ ଦଳ ଏବଂ ବିରୋଧୀ ଦଳ ନିଜ ନିଜର ପକ୍ଷ ରଖନ୍ତି ସେ ସବୁର ଅବିକଳ ନକଲ କରି ବୁଝାଇଥିଲେ । କାର୍ଯ୍ୟକ୍ରମଟି ଜବାହାର ନବୋଦୟ ବିଦ୍ୟାଳୟର ମିସ ମଞ୍ଜୁଶ୍ରୀ ରାଣା ଓ ଶ୍ରୀ ଧିରେନ କୁମାର ବିଶ୍ୱକର୍ମାଙ୍କ ନିର୍ଦ୍ଦେଶନା ରେ ଆୟୋଜନ କରାଯାଇଥିଲା ।

## ଅନୁଧାନକାରୀ ଦଳ ବିଜେପୁର ଅଞ୍ଚଳରେ

ସୋନପୁର : ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ସମୁଦାୟ ୧୪ ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ରହିଛି । ୨୦୧୯ ମସିହାରେ ରାଜ୍ୟ ସରକାର ଗ୍ରାମାଞ୍ଚଳ ରେ ବସବାସ କରୁଥିବା ଜନସାଧାରଣ ଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ରୁ ଅଧିକ ଧାନ ସକାଶେ ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସମସ୍ତ ପଞ୍ଚାୟତ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାନ ମାନଙ୍କରେ ନୂତନ ଭାବେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହାର ସ୍ଥାୟୀ ଭିତ୍ତିଭୂମି କୁ ଅନୁଧାନ କରିବା ପାଇଁ ରାଜ୍ୟର ଏକ ଦଳ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସି ପହଞ୍ଚିଥିଲେ । ଏଠାକାର କାର୍ଯ୍ୟରତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ ମେହେର ତାଙ୍କୁ ସ୍ୱାଗତ କରିବା ସହିତ ଆସିଥିବା ଉଚ୍ଚପଦସ୍ଥ ଅଫିସର ମାନଙ୍କୁ ନେଇ ଉପକେନ୍ଦ୍ର ସମେତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ମଧରୁ ପ୍ରଥମେ ଜାରିଂ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ସାଇପାଲି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ପହଣ୍ଡି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ଅର୍ଡା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନରେ ପହଞ୍ଚି ଯାଇଥିଲେ । ପରିଦର୍ଶନ ଦଳରେ ଡାକ୍ତର ସୁଶାନ୍ତ କର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ), ଦିପାଞ୍ଜଳୀ ପ୍ରଧାନ ଆସିଷ୍ଟାଣ୍ଟ ମେନେଜର (କ୍ୟୁଏ), ତୁଷାର କୁମାର ନାୟକ (ଆସିଷ୍ଟାଣ୍ଟ ପୋଗ୍ରାମ ମେନେଜର ଅର୍ବାନ ହେଲ୍ଥ), ପ୍ରଶନ୍ନ ରାଉତ (ହସ୍ପିଟାଲ ମେନେଜର), ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ ପ୍ରମୁଖ ରହିଥିଲେ । ପହଣ୍ଡି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର କୁ ପରିଦର୍ଶନରେ ପହଞ୍ଚି ଭିତ୍ତିଭୂମି ଅନୁଧାନ ସହ ସମସ୍ତ ଫାଇଲ ଦେଖିବା ସହ କିଚେନ ଗାର୍ଡେନ, ହର୍ବାଲ ଗାର୍ଡେନ, ଗ୍ରାଉଣ୍ଡ ୱାଟର୍ ରିଚାର୍ଜ, ଜୈବ ବସ୍ତୁ ଟାଙ୍କି, ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର, ପରୀକ୍ଷାଗାର, ଶୌଚାଳୟ (ମହିଳା ଓ ପୁରୁଷ) ଇତ୍ୟାଦି ଭିତ୍ତିଭୂମି କୁ ଟିକିନିଖି ଯାଞ୍ଚ କରିଥିଲେ । ପହଣ୍ଡି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଭିତ୍ତିଭୂମି କୁ ଅନୁଧାନକାରୀ ଦଳ ତର୍ଜମା କଲାପରେ ସେମାନେ ଖୁସି ହୋଇଥିବା ଜଣାପଡିଛି । ଏହି କ୍ରମରେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୁଦ୍ରଦେବ ଡନସନା, ବାଲଗୋପାଲ ପଣ୍ଡା, ବାବୁଲୁ ପାଢ଼ୀ, ପହଣ୍ଡି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦିନମଣି ପଣ୍ଡା, ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ କୁନ୍ତଳା ମହାଲିକ, ସ୍ମୃତିମୟୀ ପଣ୍ଡା, ଆଶାକର୍ମୀ ମଞ୍ଜୁଲତା ସାହୁ, ପବିତ୍ରା ବିଶ୍ୱାଳ,ଗାୟତ୍ରୀ ସାହୁ, ଜେମାବତୀ ତାଣ୍ଡି, ମଞ୍ଜୁଲତା ସାହୁ, ସୁଇପର ପୁନମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁବିତ ନାୟକଙ୍କ ପରଲୋକ

ଝାରସୁଗୁଡ଼ା : ଟାଙ୍ଗରପାଲି ଗ୍ରାମର ଯୁବ ବ୍ୟବସାୟୀ ସୁବିତ ପ୍ରସନ୍ନ ନାୟକଙ୍କ ପରଲୋକ ହୋଇଯାଇଛି । ଗତ କିଛିଦିନ ହେବ ସେ ଅସୁସ୍ଥ ରହିବାରୁ ବରଗଡ଼ ବିକାଶ ହାସ୍ପାତାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ବିୟୋଗ ହୋଇଯାଇଛି । ସେ ତାଙ୍କ ପଛରେ ପତ୍ନୀ ଓ ଏକମାତ୍ର ପୁଅଙ୍କୁ ଛାଡି ଚାଲିଯାଇଛନ୍ତି । ସ୍ୱର୍ଗତ ସୁବିତ ଶିକ୍ଷକ ଯଯାତି ନାୟକଙ୍କ ପୁତ୍ର ଅଟନ୍ତି ।

## ଜିଲ୍ଲା ସ୍ତରୀୟ ହାକାଥନ୍ କାର୍ଯ୍ୟକ୍ରମ



ସମ୍ବଲପୁର : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳରେ ଜିଲ୍ଲା ସ୍ତରୀୟ ହକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇଆଇଟି ଭୁବନେଶ୍ୱରର ପ୍ରଫେସର ଦୀପକ କୁମାର ରାଉତ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ନିରଞ୍ଜନ ଦୋରା, ଡ.ଦେବାଶିଷ ମହାପାତ୍ର, ଜିଏମ୍ କଲେଜ୍‌ର ସଞ୍ଜୟ ପ୍ରସାଦ ପଟ୍ଟନାୟକ, ଏଡିଇଓ ମୁରଲୀଧର ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପତ୍ରୀ ଏବଂ ଡିଏସ୍‌ଏସ୍ ପାର୍ଥ ସାରଥୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୋଟ ୨୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ରେଙ୍ଗାଲିର ଅମନ ଶର୍ମା ପ୍ରଥମ, ଜିଏମ୍ କଲେଜର ଆୟୁସ୍ମାନ ଆଚାର୍ଯ୍ୟ ଦ୍ୱିତୀୟ ଏବଂ ଶ୍ରବଣ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା । କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୪ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ସେହିପରି ଜିଲ୍ଲା ସ୍ତରୀୟ ତର୍କ ଓ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ନିରଞ୍ଜନ ସେଠ ପରିଚାଳନା କରିଥିଲେ ।

## ୨୯ ଆଇନଜୀବୀଙ୍କୁ ହାଇକୋର୍ଟ ଦେଲେ ସର୍ତ୍ତମୂଳକ ଜାମିନ

ସମ୍ବଲପୁର : ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଜନିତ ଭଙ୍ଗାରୁଜା ମାମଲାରେ ଗିରଫ ହୋଇଥିବା ୨୯ ଜଣ ଆଇନଜୀବୀଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ବିଚାରପତି ଭି. ନରସିଂହ ରାୟଙ୍କ ଖଣ୍ଡପୀଠ ଆଇନଜୀବୀଙ୍କ ଏକାଧିକ ଜାମିନ ଆବେଦନର ଶୁଣାଣି କରି ତାଙ୍କ ରାୟରେ କହିଛନ୍ତି ଯେ, ଆଇନଜୀବୀମାନେ ସେମାନଙ୍କ ବିରୋଧରେ ଚାଲିଥିବା ମାମଲାକୁ- ନେଇ କୌଣସି ପବ୍ଲିକ ମିଟିଂ କରିପାରିବେ ନାହିଁ । ପ୍ରିଣ୍ଟ, ଇଲେକଟ୍ରୋନିକ୍ ଓ ସୋସିଆଲ ମିଡିଆରେ ଏ ସଂକ୍ରାନ୍ତୀୟ କୌଣସି ମତ ଦେବେ ନାହିଁ । ଜାମିନରେ ମୁକୁଳିବାକୁ ନେଇ କୌଣସି ଚର୍ଚ୍ଚା କରିବେ ନାହିଁ । ତେବେ ଜାମିନ୍‌ରେ ମୁକୁଳିବା ପରେ କୌଣସି ବିକ୍ଷୋଭ, ଧାରଣା ଆଦିରେ ସାମିଲ ହେବେ ନାହିଁ ବୋଲି ଆସନ୍ତା ଏପ୍ରିଲ ୧ ସୁଦ୍ଧା ଏକ ଅଣ୍ଡରଟେକିଂ ଦାଖଲ କରିବେ । ସର୍ତ୍ତରେ କୌଣସି ପ୍ରକାର ଉଲଂଘନ କଲେ ଜାମିନ ଆଇନ ଅନୁଯାୟୀ ଖାରଜ ହୋଇଯିବ । ସୂଚନାଯୋଗ୍ୟ ଯେ, ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି କରି ଆନ୍ଦୋଳନ କରୁଥିବା ଆଇନଜୀବୀମାନେ ଗତ ଡିସେମ୍ବର ୧୨ ତାରିଖରେ ବିଚାରପତିଙ୍କ ଚ୍ୟାମ୍ବରରେ ପଶି ଭଙ୍ଗାରୁଜା କରିବା ସହ ବିଚାରପତିଙ୍କୁ ବାହାର କରି ଦେଇଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗରେ ୨୯ ଜଣ ଆଇନଜୀବୀ, ଜଣେ ବାର୍ କର୍ମଚାରୀ ଏବଂ ୮ଜଣ କିନ୍ନର ଗିରଫ ହୋଇଥିଲେ । ଗିରଫ ସମ୍ପୃକ୍ତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା । ଏନେଇ ସମ୍ବଲପୁର ଟାଉନ ଥାନାରେ ରୁଜୁ ମାମଲାର ବିଚାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି । ତେବେ ଜାମିନରେ ମୁକୁଳିବା ପାଇଁ ସମ୍ବଲପୁର ଆଡିସିନାଲ ସେସନ୍ସ ଜଜ୍ କୋର୍ଟରେ ହୋଇଥିବା ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ ।

## ବିଶିଷ୍ଟ ବାଦ୍ୟକାର ପିଣ୍ଟୁ ଦୁବେଙ୍କ ସ୍ମୁରତା ସମ୍ବଲପୁର କଳାକାରଂକ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର : ସ୍ଥାନୀୟ କଳାକାରମାନଙ୍କ ପକ୍ଷରୁ ସମ୍ବଲପୁରୀ ସଂଗୀତର ବିଶିଷ୍ଟ ବାଦ୍ୟକାର ପିଣ୍ଟୁ ଦୁବେଙ୍କ ସ୍ମୃତିରେ ଆୟୋଜିତ 'ସୁରତା' କାର୍ଯ୍ୟକ୍ରମରେ ଗୁରୁ ରଣଜିତ ନାଗ, ବ୍ରଜେନ୍ଦ୍ର ନାୟକ, ଡାକ୍ତର ବ୍ୟୋମକେଶ ଦିକ୍ଷିତ, ତ୍ରିଲୋଚନ ତ୍ରିପାଠୀ ଅତିଥି ଭାବରେ ଯୋଗଦେଇ ଚନ୍ଦ୍ର ଶେଖର ଦୁବେଙ୍କ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମ ରେ ଲିପିକା ବିଭାର, ସୂର୍ଯ୍ୟ ଗୁରୁ, ପ୍ରିୟଦର୍ଶିନୀ ନାଥ, ସୌରଭ ଷଡଙ୍ଗୀ, ପଦ୍ମିନୀ ଦୋରା, ସୌମ୍ୟଜିତ ବଡପଣ୍ଡା, ପ୍ରତିନନ୍ଦା ମିଶ୍ର, ତ୍ରିଲୋଚନ ତ୍ରିପାଠୀ, ଶ୍ରୀନୁ ଦାସ, ଅନନ୍ୟା ସିଂହଦେଓ ପ୍ରମୁଖ ଗୀତ ମାଧମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ଭାଗିରଥି ସିଂହଦେଓ, ଫିଲୁ ଶତପଥୀ, ପ୍ରୟାଗରାଜ ବେହେରା, ଦିବାକର ମହାକୁଡ, କୁଷ୍ଣଚନ୍ଦ୍ର ବାଗ, ପିଣ୍ଟୁ ନାଏକ, ସୋମନାଥ ଜାଲ, ମହେଶ ପଟେଲ, ସୁବାସ ଭୋଇ ଓ ନିତିଶ ଗୁରୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ତର୍ପଣ ପ୍ରଧାନ, ସୁପ୍ରିତି ମିଶ୍ର, ରାମାଶିଷ ତ୍ରିପାଠୀ, ସାନାକୁତିକା ପୁରୋହିତ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ପିଣ୍ଟୁ ଦୁବେଙ୍କ ବାପା ଦିନନାଥ ଦୁବେ, ମାଆ ଜାହ୍ନବୀ ଦୁବେ, ବଡଭାଇ ଶଶାଙ୍କ ଶେଖର ଦୁବେ, ପତ୍ନୀ ଶ୍ରୀମନ୍ତିକା ଦାସ ଦୁବେଙ୍କୁ ସମ୍ବଲପୁର କଳାକାର ମାନଙ୍କ ତରଫରୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ସେହିପରି ବିଶିଷ୍ଟ ବଂଶୀ ବାଦକ ଏବଂ ଲୋକ ସଂଗୀତ କଳାକାର ନବୀନ ବୋଷଙ୍କୁ ମଧ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରିବାର ସଦସ୍ୟମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ସାମ୍ବାଦିକ ପ୍ରଫୁଲ୍ଲଙ୍କୁ ଭେଟିଲେ ବିଶ୍ୱବିଦ୍ୟାଳୟ କୁଳପତି

ସମ୍ବଲପୁର : ହୃଦ୍‌ରୋଗରେ ପୀଡିତ ଥିବା ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡାଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଭୁଧେନ୍ଦୁ ମିଶ୍ର ଏବଂ ରେଜିଷ୍ଟ୍ରାର ନୃପରାଜ ସାହୁ ତାଙ୍କର କୁଲୁଥକାନି ସ୍ଥିତ ବାସଭବନକୁ ଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । କୁଳପତି ତାଙ୍କୁ ଆଶୀର୍ବାଦ ଦେବା ସହ ସହାନୁଭୂତି ଦେବାକୁ ଯାଇ କହିଥିଲେ 'ଆପଣଙ୍କର ସୃଜନୀ ଅନନ୍ୟ । ସାଂସାରିକ ଜୀବନ ଯାତ୍ରାରେ ଅନେକ ଝଡଝଞ୍ଜା ଆସେ, ସେ ଶାରୀରିକ କିମ୍ବା ମାନସିକ ରୂପ ନେଇଥାଏ । ସେ ସବୁକୁ ଭ୍ରୂକ୍ଷେପ ନ କରି ଯିଏ ଆଗେଇ ଚାଲେ, ତାକୁ ବାଜିଗର କୁହାଯାଏ । ଆପଣ ଜଣେ ବାଜିଗର । ଆପଣଙ୍କ ପାଖରେ ଅନେକ ସତ୍ୟ ଘଟଣା, ପ୍ରେରଣାର ସନ୍ଦେଶ ସାଇତା ହୋଇ ରହିଛି କହି ଉଭୟେ କୁଳପତି ଓ କୁଳ ସଚିବ ପ୍ରଫୁଲ୍ଲଙ୍କୁ ବୁଝାଇ ପ୍ରୋତ୍ସାହିତ କରିଥିଲେ । ପ୍ରଫୁଲ୍ଲଙ୍କ ଚିଠି ସାହିତ୍ୟ, ପତ୍ର ରଚନା ଶୈଳୀ, ପ୍ରେରଣା ଭରା ସନ୍ଦେଶର ଭୂୟସୀ କରିବା ସହ ଶୀଘ୍ର ସୁସ୍ଥ ହୋଇ ସାମ୍ବାଦିକତାର ମହତ୍ ବୃତ୍ତିକୁ ଫେରି ନିଜର ସେବା ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ପଶ୍ଚିମ ଓଡ଼ିଶାର ବିଦଗ୍ଧ କଳା 'ସମ୍ପର୍ଦ୍ଧା'ରେ ଶାସ୍ତ୍ରୀୟତା ପୁରି ରହିଛି





ସମ୍ବଲପୁର: ସମ୍ପର୍ଦ୍ଧା ପଶ୍ଚିମ ଓଡ଼ିଶାର ଏକ ବିଦଗ୍ଧ ଲୋକକଳା ହୋଇଥିଲେ ମଧ ଏଥିରେ ଶାସ୍ତ୍ରୀୟତା ଭରି ରହିଛି । ତେଣୁ ଏହାକୁ ସୁରକ୍ଷିତ ରଖିବା ସହ ଏହାର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ନେବା ଉଚିତ ବୋଲି ମତପ୍ରକାଶ ପାଇଛି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଏଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ପର୍ଦ୍ଧା କଳାକାର ସମ୍ମିଳନୀରେ ବୃନ୍ଦାବନ ନିବାସୀ ମହାମଣ୍ଡଳେଶ୍ୱର ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଅତୀତରେ ଆମ ଦେଶକୁ ମୋଗଲ ଓ ଇଂରେଜ ମାନେ ଦୀର୍ଘ ଦିନ ଶାସନ କରିଥିଲେ ମଧ ଆମର ସନାତନ ସଂସ୍କୃତି ବଞ୍ଚି ରହିଛି । ଭାରତୀୟ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସମ୍ପର୍ଦ୍ଧା ଭଳି ଲୋକସଂସ୍କୃତିକୁ ପୁନରୁଦ୍ଧାର କରିବାକୁ ପଡିବ । ଏହାଛଡା ସରକାର କଳାକାର ମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ଆର୍ଥିକ ସହାୟତା ଯୋଗାଇ ଦେବାର ଆବଶ୍ୟକତା ରହିଛି ।

ସାକ୍ଷୀପଡା ସ୍ଥିତ ରାଧାମଦନ ଗୋପାଳ ମନ୍ଦିରର ମୁଖ୍ୟ ତ୍ରିଦଣ୍ଡୀ ଭିକ୍ଷୁ ବି.କେ ଦାମୋଦର ମହାରାଜ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସମ୍ପର୍ଦ୍ଧା ଆଧାତ୍ମିକ ଜାଗରଣ ସୃଷ୍ଟି କରୁଥିବାରୁ ଏହା ଯେପରି ବଞ୍ଚି ରହିବ ସେ ଦିଗରେ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ ।

ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ଶାସ୍ତ୍ର ପୁରାଣ ରହିଥିଲେ ମଧ ବର୍ତ୍ତମାନ ସମାଜରେ ତାର ଅନୁକରଣ କରାଯାଉ ନ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅଧୋଗତି ଦେଖାଯାଉଛି । ଏଥିରୁ ମୁକୁଳିବା ପାଇଁ ହରିନାମ ଜପର ଆବଶ୍ୟକତା ରହିଛି ।

ସଂସ୍କୃତି ଗବେଷକ ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଲୋକକଳାରେ ସ୍ୱାତନ୍ତ୍ର୍ୟ ରହିଛି । ସମ୍ପର୍ଦ୍ଧା ହେଉଛି ଏକ ବିଦଗ୍ଧ କଳା ଓ ଏଥିରେ ଶାସ୍ତ୍ରୀୟତା ରହିଛି । ସଂସ୍କୃତି ହେଉଛି ଆମର ପରିଚୟ ଓ ଏହା ପରସ୍ପରକୁ ଯୋଡି ରଖିଥାଏ । ତେବେ ପାଶ୍ଚାତ୍ୟ ସଙ୍ଗୀତର ପ୍ରଭାବରେ ସମ୍ପର୍ଦ୍ଧା ଭଳି ପ୍ରାଚୀନ ଲୋକକଳା ନିଜର ଅସ୍ତିତ୍ୱ ହରାଇବାକୁ ବସୁଛି ।









**ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ପର୍ଦ୍ଧା କଳାକାର ସମ୍ମିଳନୀ**

ପ୍ରାଧାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଏଥିରେ ଅଂଶଗ୍ରହଣ କରି କହିଥିଲେ ଯେ, ଆଧୁନିକତା ସତ୍ତ୍ୱେ ସମ୍ପର୍ଦ୍ଧା ଏପରି ଏକ କଳା ଯାହା ଧର୍ମକୁ ଆଧାର କରି ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନର ମାଧ୍ୟମ ହେଉଛି । ତେବେ ଏହାକୁ ଭବିଷ୍ୟତ ପିଢ଼ିରେ ପହଞ୍ଚାଇବା ପାଇଁ ସଯତ୍ନ ପ୍ରୟାସର ଆବଶ୍ୟକତା ରହିଛି ।

ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ ଓ ସମାଜସେବୀ ଉଦ୍ଧବ ମହାପାତ୍ର ସମ୍ପର୍ଦ୍ଧାକୁ ବଞ୍ଚାଇବା ପାଇଁ ତାତ୍ତ୍ୱିକ ଓ ବୌଦ୍ଧିକ ଆଲୋଚନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ସମ୍ମିଳନୀରେ ଅଧ୍ୟକ୍ଷତା କରି ପ୍ରଫେସର କାମଦେବ ସାହୁ କଳାର ମୃତ୍ୟୁ ନାହିଁ ଓ ତେବେ କଳା ଓ ଜୀବିକା ଅଙ୍ଗାଙ୍ଗୀ ଭାବେ ଜଡିତ । ସମ୍ପର୍ଦ୍ଧା ଉପରେ ଅଧିକ ଗବେଷଣା କରାଯାଇ ଏହା ଯେପରି ବଞ୍ଚି ରହିବ ସେ ଦିଗରେ ଉଦ୍ୟମ ହେବା ଆବଶ୍ୟକ ।

ସମ୍ମିଳନୀ ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ସମ୍ମିଳନୀରେ ଛତିଶଗଡ଼ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସମ୍ପର୍ଦ୍ଧା ଦଳ ଯୋଗ ଦେଇଥିଲେ । ଝାରସୁଗୁଡା ଜିଲ୍ଲାର ଅମ୍ବାପାଲୀ, ସମ୍ବଲପୁର ଜିଲ୍ଲାର ଚକୁଳି ଏବଂ ଛତିଶଗଡ଼ର ହଳଦୀ ଗ୍ରାମର ଦଳ ସମ୍ପର୍ଦ୍ଧା ପରିବେଷଣ କରିଥିଲେ । ସମ୍ମିଳନୀ ଆୟୋଜନରେ ଲକ୍ଷ୍ମୀ ନୃସିଂହ ପାତ୍ର, ସରୋଜ କୁମାର ମହାପାତ୍ର, ଦୀନବନ୍ଧୁ ପାଢ଼ୀ, ପ୍ରମୋଦ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ଆଦର୍ଶ ଶିକ୍ଷକ ବିଷ୍ଣୁପ୍ରସାଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ



ସମ୍ବଲପୁର: ଜଣେ ଆଦର୍ଶ ଶିକ୍ଷକ ରୂପେ ପରିଚିତ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଘାଟିତ ହୋଇଛି । ଜନ୍ମ ଶତବାର୍ଷିକୀ କମିଟି ଉପସଭାପତି ବେଣୁମାଧବ ପଣ୍ଡାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସମ୍ବଲପୁର ମହାନିଗର ନିଗମ ଆୟୁକ୍ତ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ବିଷ୍ଣୁ ପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ୨୫ଜଣ ପୁରାତନ ଶିକ୍ଷକ ସହକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା । ଗୁରୁ ବିଷ୍ଣୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ସ୍କୁଲ ନାମକରଣ, ସ୍ମରଣିକା ପ୍ରକାଶନ, ଶିକ୍ଷକ ଗୁରୁଗୌରବ ସମ୍ମାନ ସମାରୋହ, ସ୍କୁଲର ପ୍ଲାଟିନମ ଜୁବିଲି ପାଳନ ପ୍ରସ୍ତାବ ବିଷୟରେ ଆଲୋଚନା କରାଯାଇଥିଲା । ସଂଗଠନ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର ସ୍ୱାଗତ ଭାଷଣ ଓ ଉପ ସଭାପତି ଡାକ୍ତର ମହେନ୍ଦ୍ର ନନ୍ଦ ଅତିଥି ପରିଚୟ ଦେଇଥିଲେ । ସ୍କୁଲର ପୁରାତନ ଛାତ୍ର ଅଶୋକ ପ୍ରଧାନ, ବୌଦ୍ଧର ନେତ୍ରାନନ୍ଦ ପ୍ରଧାନ, ବରଗଡର ଭଗବାନ ପ୍ରଧାନ, ଚକ୍ରଧର ପାଣିଗ୍ରାହୀ, ଗୋଲକ ଚନ୍ଦ୍ର ପାଢ଼ୀ ଓ ଭାଗୀରଥି ପ୍ରଧାନ ପ୍ରମୁଖ ଗୁରୁ ବିଷ୍ଣୁ ପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ ।

## ଜଗନ୍ନାଥ କଲୋନୀରେ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର : ସ୍ଥାନୀୟ ଜଗନ୍ନାଥ କଲୋନୀର ନବନିର୍ମିତ ରାଧାକୃଷ୍ଣ ମନ୍ଦିରରର ଚାରିଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସଂପନ୍ନ ହୋଇଯାଇଛି । ବୃନ୍ଦାବନର ମହାମଣ୍ଡଳେଶ୍ୱର ଶ୍ରୀ ମହନ୍ତ ସଚ୍ଚିଦାନନ୍ଦ ଦାସ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆଁ ଦିଲ୍ଲୀର ମହାତ୍ୟାଗୀ ମହାମଣ୍ଡଳେଶ୍ୱର ଶ୍ରୀ ରାମଗୋବିନ୍ଦ ଦାସ, କଣ୍ଟାବାଞ୍ଜିର ଅଦ୍ୱୈତ ଚରଣ ଦାସ ଓ ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାସ ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟକ ଭକ୍ତବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



## ଭାଜପାରେ ଅବସରପ୍ରାପ୍ତ ଯୋଗାଣ ଅଧିକାରୀ



ଭୁବନେଶ୍ୱର: ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ତଥା ଅଠାବିରା ନିର୍ବାଚନ ମଣ୍ଡଳୀର ରଞ୍ଜନ କୁମାର ସେଠ୍ ଭାଜପାରେ ଯୋଗ ଦେଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ତାଙ୍କୁ ସ୍ୱାଗତ କରିଛନ୍ତି । ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ମୁଖପାତ୍ର ଠାକୁର ରଞ୍ଜିତ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ, କୃଷକ ମୋର୍ଚ୍ଚା ଉପସଭାପତି ରଞ୍ଜନ ମଙ୍ଗରାଜ, ରାଧେଶ୍ୟାମ ବାରିକ ଓ ସିଦ୍ଧାର୍ଥ ଶଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିକାଶ ଛାତ୍ରୀ ଅର୍ପିତା ଦାଶ ପି.ଏମ୍ ର୍‍ୟାଲିରେ ଭାଗ ନେଲେ

ବରଗଡ : ଗତ ଜାନୁୟାରୀ ୨୮ରେ ନୂଆଦିଲ୍ଲୀର ପିଏମ୍ ର୍‍ୟାଲିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ଼ ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅର୍ପିତା ଦାଶ ଅଂଶ ଗ୍ରହଣ କରିଥିଲେ । ଏଥିପାଇଁ ବିକାଶ ଗ୍ରୁପ୍‌ର ଚେୟାର୍‌ମେନ୍ ଡି.ମୁରଲୀ କ୍ରୀଷ୍ଣା ଅର୍ପିତାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ଓ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ ।





Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra